## ଶୁକ୍ରବାର

# ସନ୍ତୋଷୀ ମା’

santoShii maa



**ସନ୍ତୋଷୀ ମା'**

*Festivals of Odisha* ***#108***

***Version:- 1.0_112908***

*Publisher:- www.odia.org*

*Price:- Priceless*

*Not for any business use*

ସଂଶୋଧିତ ଓ ପରିବର୍ଦ୍ଧିତ

# ଶୁକ୍ରବାର ବ୍ରତ

ଗଣେଶ, ସରସ୍ୱତୀ ଓ ଦେବାଦେବୀଙ୍କ ଜଣାଣ
(ଚଉଦ ଅକ୍ଷରୀ ବୃତ୍ତେ)

ଜୟ ଜୟ ଗଣନାଥ ଗଉରୀ ନନ୍ଦନ ।
ଜୟ ଜୟ ବିଘ୍ନେଶ୍ୱର ବିଘ୍ନ ବିନାଶନ ।୧।
ଜୟ ଜୟ ଭଗବତୀ ମାଗୋ ବୀଣାପାଣି ।
ଜୟ ଜୟ ଦୁର୍ଗା ମାଗୋ ଦୁର୍ଗତି ତାରିଣୀ ।୨।
ଜୟ ଜୟ ଭୋଳାନାଥ ଭୋଳା ମହେଶ୍ୱର ।
ଜୟ ଜୟ ମହାଯୋଗୀ ଯୋଗୀ ଯୋଗେଶ୍ୱର ।୩।
ଜୟ ଜୟ ଶ୍ରୀରାମ ସୀତାଙ୍କ ଶ୍ରୀଚରଣ ।
ଜୟ ଜୟ ରାଧା କୃଷ୍ଣ ଶ୍ରୀରାଧା ରମଣ ।୪।
ଜୟ ଜୟ ଯଦୁନାଥ ଯଶୋଦା ନନ୍ଦନ ।
ଜୟ ଜୟ ଜଗନ୍ନାଥ ଜଗତ ବନ୍ଦନ ।୫।
ଜୟ ଜୟ ସର୍ବ ଦେବାଦେବୀ ଯୋଗମାୟା ।
ଜୟ ଜୟ ଦଶ ଦିଗପାଳ ହୁଅ ସାହା ।୬।
ଜୟ ଜୟ ସାଧୁ ସନ୍ଥ ଗୋମାତା ବ୍ରାହ୍ମଣ ।
ଜୟ ଜୟ ଶ୍ରୀଗୁରୁ ଶ୍ରୀଚରଣେ ଶରଣ ।୭।
ଜୟ ଜୟ ନିଜ ଗ୍ରାମଦେବୀ ଚମ୍ପା ଦେଈ ।
ଜୟ ଜୟ ମା' ଗ୍ରାମଦେବୀଙ୍କୁ ନମଇଁ ।୮।
ଜୟ ଜୟ ସର୍ବ ଦେବ ଦେବୀଙ୍କୁ ଶରଣ ।
ଜୟ ଜୟ ମା' ସନ୍ତୋଷୀ ମାତାଙ୍କ ଚରଣ ।୯।
ଜୟ ଜୟ ସନ୍ତୋଷୀ ମାତାଙ୍କ ଶୁକ୍ରବାର ବ୍ରତ ।
ଦୁଃସାହସେ ଲେଖିବାକୁ ବଳାଇଛି ଚିତ୍ତ ।୧୦।
ଅଜ୍ଞାନ ମୁଁ ଜ୍ଞାନହୀନ ଭକ୍ତ ଜାଣି ନାହିଁ ।
ମମ କଣ୍ଠେ ସର୍ବେ ବସି ପଦ ଦିଅ କହି ।୧୧।

## ପୂଜା ସାମଗ୍ରୀ

୧- ସନ୍ତୋଷୀ ମାତାଙ୍କ ଫଟ, ୨- କୁମ୍ଭ, ୩- ଆମ୍ବ ପତ୍ର, ୪- କଳସୀ, ୫- ନଡ଼ିଆ, ୬- କରିଆ, ୭- ଗୁଆ, ୮- ଝୁଣା, ୯- ସିନ୍ଦୂର, ୧୦- ଚନ୍ଦନ, ୧୧- ପୁଷ୍ପ, ୧୨- ଧାନ, ୧୩- ଦୁବ, ୧୪- ଘିଅ ଦୀପ, ୧୫- ବେଲପତ୍ର, ୧୬- ଚୁଡ଼ି, ୧୭- ଗୁଡ଼, ୧୮- ଫୁଲ, ୧୯- ପଞ୍ଚମୁରୁଜ, ୨୦- ମିଷ୍ଟାନ୍ନ, ଧୂପ ଓ ଆଳତୀ ସାମଗ୍ରୀ ।

## ସନ୍ତୋଷୀ ମାତା କଥା

(ଗୋପୀଭାଷା ବୃତ୍ତେ)

ଶୁଣ ସୁଜନେ ଦେଇ ମନ କର୍ଣ୍ଣ । ସନ୍ତୋଷୀ ମାତାଙ୍କ ପୂଜା ବିଧାନ ॥
ତାଙ୍କ ପିତାଙ୍କ ନାମ ଶ୍ରୀ ଗଣେଶ । ମାତା ବୁଦ୍ଧି ସିଦ୍ଧିମାନ ପ୍ରକାଶ ॥
ମୋତି ମାଣିକ ସୁନା ଧନଧାନ୍ୟ । ସୁନା ଚାନ୍ଦି ରତନ ପରିପୂର୍ଣ୍ଣ ॥
ସଫଳ ବ୍ୟବସାୟୀ ପରିବାର । ଦରିଦ୍ରତା ନାଶ ପୂର୍ଣ୍ଣ ଭଣ୍ଡାର ॥
କେଶ କଳହ ନାସ୍ତି ସୁଖ ଶାନ୍ତି । ପୂର୍ଣ୍ଣସଦନ ସନ୍ତାନ ସନ୍ତତି ॥
ସନ୍ତୋଷୀ ମାତାଙ୍କ ନାମ ଉଚାରି । ବିଘ୍ନ ବିନାଶିନୀ କାର୍ଯ୍ୟ ସିଦ୍ଧିକରି ॥
ମାତାଙ୍କ ଶ୍ରୀପଦେ ଚିତ୍ତ ଲଗାଇ । ବ୍ରତ ପାଇଁକି ଯା ଚିତ୍ତ ବଳଇ ॥
ବ୍ରତ ପାଳିବ ପ୍ରତି ଶୁକ୍ରବାର । ସ୍ନାନ ସଉଚାଦି ହୋଇ ନିଜର ॥
ଶୁକ୍ଳ ବସ୍ତ୍ର ପରିଧାନ କରିବ । ସେହିଦିନ ଉପବାସ ରହିବ ॥
ଗୁଡ଼ ଭିଜା ଚଣା ରଖିବ ହସ୍ତେ । ଦୁବ ବ୍ରତ ଗ୍ରନ୍ଥ ଶୁଣିବ ଚିତ୍ତେ ॥
ଜୟ ଜୟ ସନ୍ତୋଷୀ ମାଳତୀ । ଉଚ୍ଚ ସ୍ୱରରେ ଜୟଧ୍ୱନି ଦେଇକି ॥
ଶେଷେ ଗୁଡ଼ଚଣା ନେଇ ଗାଇକି । ଖୁଆଇବ ନିଜ ହସ୍ତେ ନେଇକି ॥
କଳସରେ ଥିବା ଗୁଡ଼ ଚଣାକୁ । ପ୍ରସାଦ ଭାବେ ବାଣ୍ଟିବ ସଭିଙ୍କୁ ॥
ଜଳପୂର୍ଣ୍ଣ କରି ଥିବ କଳସେ । ସଜାଡ଼ିବ ପୂଜାଦ୍ରବ୍ୟ ହରଷେ ॥
ଗୁଡ଼ ଚଣା ଭିଜା ସଂଖ୍ୟାନୁଯାଇ । ନଡ଼ିଆ କଦଳୀ ଫଳାଦି ତହିଁ ॥
ନାନାଜାତି ଫଳ ତୋଳି ଆଣିବ । ଧୂପ ଘୃତ ପ୍ରଦୀପ ଜଳାଇବ ॥

ପଢ଼ାଇବ ବ୍ରତ ପୋଥି ଆଖ୍ୟାନ । ଭକତିରେ ଶୁଣିବ ଦେଇ କାନ ॥
ପୋଥିପଢ଼ା ଓ ଆଳତୀ ଶେଷରେ । ରଖିଥିବା ଜଳକୁ କଳସୀରେ ॥
ଘର ଚାରିଆଡ଼ରେ ଛିଞ୍ଚାଇବ । ଅବଶିଷ୍ଟ ତୁଳସୀ ମୂଳେ ଦେବ ॥
ପିଲା ନ ଥିଲେ କୁଟୁମ୍ବ ମଧ୍ୟରେ । ବାହାରୁ ଡାକି ଆଣିବ ସାଦରେ ॥
ଖଟା ଦେବନି କାହାରି ପତରେ । ଖଟା ପକାଇବ ନାହିଁ ଦ୍ରବ୍ୟରେ ॥
ବ୍ରତ ପାଳୁଥିବା ମାତା ମାଉସୀ । ଚିତ୍ତେ ଚିନ୍ତିବ ସନ୍ତୋଷୀସନ୍ତୋଷୀ ॥
ସନ୍ତୋଷୀ ମାତାଙ୍କୁ ଧ୍ୟାନ କରିବ । ପ୍ରତି ଶୁକ୍ରବାର ବ୍ରତ ପାଳିବ ॥
ଷୋଳ ଶୁକ୍ରବାର ପୂର୍ଣ୍ଣ ହୋଇଲେ । ଉଦ୍ୟାପନ ବ୍ରତ ପାଳିବ ଭଲେ ॥
ଏପରି ଭାବେ କରିଲେ ଏ ବ୍ରତ । ବାଞ୍ଛିତ ଫଳ ହୁଅଇ ପ୍ରାପତ ॥
ସନ୍ତୋଷୀ ମାତା ହୁଅନ୍ତି ପ୍ରସନ୍ନ । ନିର୍ଦ୍ଧନୀକୁ କରନ୍ତି ଧନବାନ ॥
ଅପୁତ୍ରିକକୁ ଦିଅନ୍ତି ସୁପୁତ୍ର । ଅଜ୍ଞାନୀକୁ କରନ୍ତି ଜ୍ଞାନବନ୍ତ ॥
ନିମ୍ନରେ ବର୍ଣ୍ଣିତ ସ୍ତ୍ରୀ ଲୋକପରି । ଯାତି ଫଳ ଦିଅନ୍ତି ସେପରି ॥
ଜୟ ଜୟ ମା' ସନ୍ତୋଷୀ ମାଇଜୀ । ପାଦତଳେ କଳ୍ପତରୁ ଧାଇଁକି ॥

## ସନ୍ତୋଷୀ ମାତାଙ୍କ ବ୍ରତ ଉପାଖ୍ୟାନ

ଶୁଦ୍ଧଚିତ୍ତେ ଶୁଣ ମାତା ମାଉସୀ । ଏହି ବ୍ରତ ପାଳିବା ଉପବାସୀ ॥
ସନ୍ତୋଷୀ ପଦରେ ଚିତ୍ତ ଲଗାଇ । ଏକାଗ୍ର ଚିତ୍ତେ ଯେ ଏହା ଶୁଣଇ ॥
ମନୋବାଞ୍ଛା ପୂର୍ଣ୍ଣ ମାତା କରନ୍ତି । ଅପୁତ୍ରୀକକୁ ସୁପୁତ୍ର ଦିଅନ୍ତି ॥
ଅଜ୍ଞାନ ଥିଲେ ଜ୍ଞାନବନ୍ତ ହେବ । ମୁରୁଖଥିଲେ ବିଦ୍ୟାପ୍ରାପ୍ତି ହେବ ॥
ସର୍ବ ପାତକ ହୁଅଇ ମୋଚନ । ଦିନ ଦରିଦ୍ର ହୁଏ ଧନବାନ ॥
ଏବେ ଶୁଣନ୍ତୁ ଦେଇ ମନକର୍ଣ୍ଣ । ଏହି ବ୍ରତ ପୁରୁବ ଉପାଖ୍ୟାନ ॥
ଭଦ୍ରେଶ୍ୱର ଗ୍ରାମେ ଏକଇ ବୁଢ଼ୀ । ଥିଲା ବୟସ ହେବ ତିନିକୋଡ଼ି ॥
ସାତଗୋଟି ଥିଲେ ତାର କୁମର । ରୋଜଗାର କରୁଥିଲେ ପ୍ରଚୁର ॥
ସାନ ପୁଅଟି ନିରୋଜଗାରିଆ । କାମ ଧନ୍ଦାକୁ ବଡ଼ ଅଳସୁଆ ॥
ନିଛନ୍ଦ ଆସେ ସାଧା ସିଧା ଅତି । ତାର ଭାରିଯା ଅଟେ ବୁଦ୍ଧିମତୀ ॥
ଭଲ ପାଏ ବୁଢ଼ୀ ଛଅ ପୁଅକୁ । ରାନ୍ଧି ବାଢ଼ି ପରସଇ ତାହାଙ୍କୁ ॥
ଛଅ ପୁଅ ଖିଆପିଆ ଶେଷରେ । ଯାହାଛାଡ଼ି ଯାଇଥାନ୍ତି ପତରେ ॥
ସବୁ ଏକତ୍ର କରି ଅଇଁଠାକୁ । ଖାଇବାକୁ ଦିଏ ସାନ ପୁଅକୁ ॥
ମନ କଥା ମନେ ମନେ ରଖିଣ । ଯାଇ ବୁଢ଼ୀକୁ କହିଲେ ତକ୍ଷଣ ॥
ମାତା ଯାଉଛି ବିଦେଶକୁ ଯିବି । ଆଉ ଏ ଘରେ କ୍ଷଣେ ନ ରହିବି ॥
ସାନ କଥା ଶୁଣି ରାଗରେ ବୁଢ଼ୀ । ଏବେ ଯାଉନୁ କହିଲା ବିଗିଡ଼ି ॥
ଯାଉଅଛି କହିଣ ବାହାରିଲା । ଲୁଗା ପଟା ଦି'ଟା ସଙ୍ଗେ ନେଲା ॥
ଯାଇ ନିଜ ସ୍ତ୍ରୀ ନିକଟେ ମିଳିଲା । ସତେ ଗୁହାଳ ପୋଛୁଛି ଦେଖିଲା ॥
ଆଜି ଯାଉଅଛି ଦେଶ ବିଦେଶ । ମୋତେ ବିଦାୟ ଦିଅହୋଇତୋଷ ॥
ରହିଥିବୁ ସହି ଦୁଃଖ କଷ୍ଟକୁ । ଧୈର୍ଯ୍ୟଧରି ଆଦରିଣ ଭାଗ୍ୟକୁ ॥
କିଛି ଦିନାନ୍ତେ ଆସିବି ମୁଁ ଫେରି । ରହ ଯେତେ ଦିନ କର୍ମ ଆଦରି ॥
ଶୁଣି ସାନ ବୋହୂ ଶୋକ ଅଧିର । ହୋଇ ସ୍ୱାମୀକୁ କହଇ ଉତ୍ତର ॥
ଯେଣେ ଇଚ୍ଛା ତୁମେ ତେଣିକି ଯାଅ । କିଛି ସଙ୍କେତ ମତେ ଦେଇଯାଅ ॥
କେବଳ ମୁଦିଟି ଅଛି ମୋହର । ନିଅ ରଖି ସାଇତିଣ ପାଖର ॥
କିନ୍ତୁ ତୁମେ କିଛି ଦିଅ ଚିହ୍ନଟ । ନିଅ ମୋ ହାତ ଗୋବର ଚିହ୍ନଟ ॥
ଏତେ କହି ସେ ସ୍ୱାମୀକୁ ବିଦାୟ । ଦେଲା ପଣତରେ ପୋଛିଣ ଲୁହ ॥
ଜୟ ସନ୍ତୋଷୀ ମାତାଙ୍କ ଚରଣ । ସଦା କଳ୍ପତରୁ ମାଗେ ଶରଣ ॥

## ସାନ ପୁଅର ବିଦେଶ ଯାତ୍ରା

ଏଥୁ ଅନନ୍ତେ ଶୁଣ ସୁଧୀର । ସାନ ପୁଅ ହେଲା ଘରୁ ବାହାର ॥
ଯାଇ ପ୍ରବେଶିଲା ଏକ ଦେଶରେ । ମିଳି ଏକ ସାଉକାର ପାଖରେ ॥
ତାର ଦୋକାନରେ କଲା ଚାକିରୀ । ସଉଦା ପଚର କଲା ବିକିରି ॥
କିଣା ବିକାରେ ହେଲା ଧୁରନ୍ଧର । ଦେଖି ଖୁସିରେ ଦିନେ ସାଉକାର ॥
ଡାକି ଦୋକାନ ଅଂଶୀଦାର କଲା । କିଛିଦିନ ଏହିପରି ବିତିଲା ॥
ଆଉ ଦିନେ ବସାଇଣ ପାଖର । ବୋଲେ ଆଜ ଏଦୋକାନ ତୋହର ॥
ଦୋକାନ ଦେଇ ତୀର୍ଥେ ଚାଲିଗଲା । ସେଦିନୁ ଦୋକାନ ତାର ହୋଇଲା ॥

ଧନ ରୋଜଗାର କଲା ବହୁତ । ଆନନ୍ଦେ ରହିଲା ହୋଇ ନିଶ୍ଚିନ୍ତ ॥
ସ୍ୱାମୀ ବିରହେ ତେଣେ ତାରାମଣି । ଝୁରି ଝୁରି ତନୁ କ୍ଷୀନ ହେଲାଣି ॥
ଶାଶୁ ବୁଢ଼ୀ ତା ଶିରୀ ଦେଖୁନାହିଁ । ହିନସ୍ତା କରେ ଖଟାଇ ଖଟାଇ ॥
ଯାଆମାନେ ମିଳି ସଦାସର୍ବଦା । ତୁଚ୍ଛା କଥାରେ ମାରୁଥାନ୍ତି ଖୁନ୍ଦା ॥
ଜଙ୍ଗଲକୁ ପଠାନ୍ତି କାଠ ଆଣି । ଖାଇବାକୁ ଦ୍ୟନ୍ତି ବାସି ତୋରାଣି ॥
କୁଣ୍ଡା ମିଶା ଭାତ ଲଙ୍କା ଲୁଣକୁ । ନିଜେ ଖାଇବା ଅଇଁଠା ଭାତକୁ ॥
ସ୍ୱାମୀଙ୍କ କଥା ପଡ଼ିବାରୁ ମନ । ବାହୁନି ବାହୁନି କରେ ରୋଦନ ॥
କେଣିକି ଗଲ କେଣେ ଯେ ରହିଲ । କିଛି ବାରତା ଏଯାଏ ନ ଦେଲ ॥
କହେ ସବୁ ଦୁଃଖ କଷ୍ଟ ସହୁଛି । ତୁମ ଆସିବା ପଥକୁ ଚାହିଁଛି ॥
ଦିନେ ବନେ ଯାଇଛ କାଠ ଆଣି । ପଥେ ଦେଖିଲା କେତେକ ରମଣି ॥
ପଚାରିଲା ଭଉଣୀ ତୁମେମାନେ । କିମ୍ପାଇଁ ବୁଲୁଛ ଘୋର କାନନେ ॥
ରମଣୀଏ କହନ୍ତି ମା' ସନ୍ତୋଷୀ । ଭୁତ ଆମ୍ଭେମାନେ ଅଛୁ ମନାସୀ ॥
ତେଣୁ ପୁଷ୍ପ କରୁଅଛୁ ଚୟନ । ପୂଜିବୁ ମାତା ସନ୍ତୋଷୀ ଚରଣ ॥
ଭଉଣୀ ଏ ବ୍ରତ କଲେ କି ଭାଲ । ମିଳେ ଦୟାକରି କୁହ ସକଳ ॥
ଏହି ବ୍ରତେ ଯେ ପାଳନ କରଇ । ସ୍ୱାମୀ ବିଦେଶରେ ଥିଲେ ଆସଇ ॥
ଦିନ ଦରିଦ୍ର ଧନବାନ ହେବ । ଅପୁତ୍ରିକ ପୁତ୍ରବତୀ ହୋଇବ ॥
ମନବାଞ୍ଛା ପୂର୍ଣ୍ଣ ମାତା କରନ୍ତି । କଲେ ତାଙ୍କ ଶ୍ରୀଚରଣେ ଭକତି ॥
ପୁଣି ତାଙ୍କ ସହିତରେ ଚଳିଲା । ସନ୍ତୋଷୀମାତା ମନ୍ଦିରେ ମିଳିଲା ॥
ଦେଖିଲା ଶୁଣିଲା ସେ ବ୍ରତ କଥାକୁ । ମାତାଙ୍କ ଚରଣେ ରଖି ମଥାକୁ ॥
ପୂଜା ଶେଷରେ ପ୍ରସାଦ ପାଇଲା । ବ୍ରତ ପାଳିବ ଚିତ୍ତେ ମନାସିଲା ॥
ମାତାଙ୍କ ଚରଣେ ରଖି ଚିତ୍ତକୁ । ବହନ ଚଳିଲା ନିଜ ଘରକୁ ॥
ବାଟେ କାଠଗୋଛାକୁ ବିକିଦେଲା । ବ୍ରତ ସାମଗ୍ରୀ ସମସ୍ତ କିଣିଲା ॥
ଶୁକ୍ରବାର ବ୍ରତ ପାଳି ପଡ଼ିଲା । ଘର ନ ଯାଇ ମନ୍ଦିର ଚଳିଲା ॥
ଉପବାସେ ରହି ଭକ୍ତି ଚିତ୍ତରେ । ବ୍ରତ ପାଳିଲା ବିଧିମତରେ ॥

କରଯୋଡ଼ି ଜଣାଇଲା ଦୁଃଖକୁ । ମାତା ରଖ ତୋ ଦୁଃଖିନୀ ଝିଅକୁ ॥
ସ୍ୱାମୀ ତେଣେ ବିଦେଶରେ ରହିଲେ । ଶାଶୁ ମୋତେ ଦୁଃଖକଷ୍ଟ ଦେଲେ ॥
କୁଣ୍ଡା ମିଶା ଚାଉଳର ଭାତକୁ । ଯାଆମାନେ ଦିଅନ୍ତି ଖାଇବାକୁ ॥
ଭଙ୍ଗା ସ୍ପେଢ଼ଇରେ ପିଇବା ପାଣି । ଆଣି ଦିଅନ୍ତି ଶାଶୁ ଜାଣି ଶୁଣି ॥
ସଦା ମୋ ହାତେ ବାସନ ମଜାନ୍ତି । କାଠ ଆଣିବାକୁ ବନେ ପଠାନ୍ତି ॥
ଭକ୍ତି ଭାବେ ମାତାଙ୍କୁ ଜଣାଇଲା । ବ୍ରତ ଶେଷରେ ପ୍ରସାଦ ପାଇଲା ॥
ତାର ପୂଜାରେ ସନ୍ତୁଷ୍ଟ ସନ୍ତୋଷୀ । ତାକୁ ଆଶୀର୍ବାଦ ଦେଲେ ଆଶ୍ୱାସୀ ॥
ତେଣେ ସ୍ୱପ୍ନରେ ସ୍ୱାମୀଙ୍କୁ ଚେତାଇ । ଦେଲେ ସ୍ତ୍ରୀ କଥା ମନେ ପକାଇ ॥
ଧନ ଦେଖିଣ ବ୍ୟାକୁଳ ହୋଇଲୁ । ନିଜ ସ୍ତ୍ରୀକୁ ମନୁ ପାଶୋରିଲୁ ॥
ବଡ଼ ଯାତନା ଶାଶୁଠୁ ସହୁଛି । ତୋତେ ଦେଖିବାକୁ ବଞ୍ଚି ରହିଛି ॥
ସ୍ୱପ୍ନେ କହିଗଲେ ମାତା ସତ୍ୱର । ସ୍ୱାମୀ ସ୍ୱପ୍ନ ଦେଖି ହୋଇ କାତର ॥
କିଛି ଧନ ଭାଷା ଦେଲା ପଠାଇ । ବ୍ୟବସାୟ କଲା ନିଶ୍ଚିନ୍ତେ ରହି ॥
ସଦା ସନ୍ତୋଷୀ ଶ୍ରୀପଦେ ମୋ ମତି । ରହୁ କହଇ କରେ ମିନତି ॥

## ଟଙ୍କା ଓ ଭାଷା ଆସିବା

ଏଥୁ ଅନନ୍ତରେ ଶୁଣ ସୁଜନ । ଏହାପରେ ଯାହା ହେଲା ବିଧାନ ॥
ଟଙ୍କା ଚିଠି ଯାଆ ଶାଶୁ ଦେଖିଲେ । ମନେ ମନେ ଜଳିବାକୁ ଲାଗିଲେ ॥
ନିଜେ ମଧ ଠରାଠରି ହୁଅନ୍ତି । କେତେ ଦେଖେଇ ଶିଖେଇ କହନ୍ତି ॥
କହି ଯାଆନ୍ତି ଝିଆରୀ ପୁତୁରା । ଏଣିକି ଖୁଡ଼ୀ କଥା ନିଆରା ॥
ଆଉ ସ୍ନେହ ଆମକୁ ନ କରିବ । ଖୁଡ଼ୀର ତ ଆଦର ବଢ଼ିଯିବ ॥
ଝିଆରୀ ପୁତୁରା କଥା ଶୁଣିଲା । ଆଖି ଛଳ ଛଳ କରି କହିଲା ॥
ଟଙ୍କା ଚିଠିରୁ ମତେ କି ମିଳିବ । ତୁମ୍ଭ ପ୍ରତି ସ୍ନେହ ଊଣା ନୋହିବ ॥
ପିଲାମାନଙ୍କୁ ବୁଝାଇ ଚଳିଲା । ସନ୍ତୋଷୀ ମାତା ମନ୍ଦିରେ ମିଳିଲା ॥
ସନ୍ତୋଷୀ ମାତା ପୟରେ ପଡ଼ିଣ । ବଚନ କହଇ କରି ରୋଦନ ॥
ଚାହିଁ ନ ଥିଲି ମା' ଧନ ଦୌଲତ । ଲୋଡୁଥିଲି ମୁଁ ସ୍ୱାମୀଙ୍କ ସାକ୍ଷାତ ॥

ସେଥିପ୍ରତି ମାତା ହୁଅ ପ୍ରସନ୍ନ । ସେପରି ହୋଇବ ସ୍ୱାମୀ ଦର୍ଶନ ॥
ତାର ଭକତିରେ ମାତା ସନ୍ତୋଷୀ । ଶୂନ୍ୟରେ ରହି କହିଲେ ଆଶ୍ୱାସୀ ॥
ଝିଅ ଯା ତୁ ନ ହୋଇ ଅଥୟ । ଫେରି ଆସିବ ତୋ ସ୍ୱାମୀ ନିଶ୍ଚୟ ॥
ଶୁଣି ସନ୍ତୋଷୀ ମାତାଙ୍କ ବଚନ । ଅନ୍ଧ ପାଇଲାକି ସତେ ନୟନ ॥
ମନ ଆନନ୍ଦେ ଗଲା ସଦନକୁ । ଚାହିଁ ରହିଥାଏ ପତି ପଥକୁ ॥
ତେଣେ ସନ୍ତୋଷୀ ମା' ମନେ ବିଚାରି । ସ୍ୱାମୀ ଫେରିବ ତାହାର ଯେପରି ॥
ସେହିପରି ସେ ଉପାୟ ପାଞ୍ଚିଲେ । ରାତ୍ରେ ପୁଅକୁ ସପନେ କହିଲେ ॥
କେତେ ଶୋଇଚ ସାଉକାର ପୁଅ । ଘର କଥା ଟିକେ ମନେ ପକାଅ ॥
ଏଣେ ଧନ କରୁଅଛୁ ଅର୍ଜନ । ତେଣେ ଗୁହାଳେ ସ୍ତ୍ରୀ କରେ ରୋଦନ ॥
ବିଭା ହୋଇଛୁ ଯାର ହାତ ଧରି । ତାକୁ ମୁରୁଛି ରହିଛୁ କିପରି ॥
ଅତି କଷ୍ଟରେ ମୋ ବ୍ରତ ପାଳନ । କରି ଧରିଛି ତୋ ପାଇଁ ଜୀବନ ॥
ଏବେ କିଛି ତୁ ନ ଭାଳି ଚିଉର । ପାର ଯେତେ ଶୀଘ୍ର ଚଳ ତୁ ଘର ॥
ଭକ୍ତକରେ ମୋ ନାମ ସୁମରିବୁ । ସକାଳେ ଦୋକାନ ଖୋଲି ବସିବୁ ॥
ସମସ୍ତ ଦ୍ରବ୍ୟ ହୋଇବ ବିକିରି । ବାକି ଧନ ମିଳିଯିବ ତୋହରି ॥
ସବୁ ଧନ ନେଇ ଘରକୁ ଯିବୁ । ସ୍ତ୍ରୀ ସହିତ ବାଟେ ଭେଟ ହୋଇବୁ ॥
ସ୍ୱପ୍ନବାଣୀ ଶୁଣିଣ ସାନ ପୁଅ । ମାତାଙ୍କୁ ପ୍ରଣମି ହେଲା ଅଥୟ ॥
ମାତା କହି ଯାଇଥିଲେ ଯେପରି । ଦୋକାନେ ବସିଲା ନାମ ସୁମରି ॥
ଘିଅ ଦୀପ ଦୋକାନେ ଜଳାଇଲା । ବିକା କିଣାରେ ମନ ନିବେଶିଲା ॥
ଚାହୁଁ ଚାହୁଁ ସବୁ ଦ୍ରବ୍ୟ ବିକିଲା । ବାକି ଟଙ୍କା ସବୁ ଅସୁଲ କଲା ॥
ସନ୍ତୋଷୀ ମାତାଙ୍କୁ ପ୍ରଣାମ କରି । ଘର ଯିବାକୁ ପଡ଼ିଲା ବାହାରି ॥
ମାତା ଏତିକିମାତ୍ର ମୋ ବିନତୀ । ସଦା ରହୁ ତୋର ଚରଣମତି ॥
କଳପତରୁ କହେ ଯୋଡ଼ିକର । ଚିତ୍ତ ରହୁ ମୋ ସନ୍ତୋଷୀ ପୟର ॥

## ସାନ ପୁଅ ଘରକୁ ଆଗମନ

ଏଥୁ ଅନନ୍ତରେ ଶୁଣ ସୁଜନ । ତେଣେ ସାନବୋହୂଟି ପ୍ରତିଦିନ ॥
ଭୋକ ଉପାସରେ କାଳ କଟାଇ । ନିତି କାଠପାଇଁ ବନେ ଚଳଇ ॥
ଫେରି ମନ୍ଦିରେ କରିଲା ବିଶ୍ରାମ । ସାଷ୍ଟାଙ୍ଗେ ମାତାଙ୍କୁ କଲା ପ୍ରଣାମ ॥
ମାତା ଶୂନ୍ୟରେ ବଚନ କହନ୍ତି । ଝିଅ ତୋ ସ୍ୱାମୀ ଘର ଆସୁଛନ୍ତି ॥
ଏହିକ୍ଷଣି ତୋ ସଙ୍ଗେ ହେବ ଭେଟ । ତିନିଭାଗ କର ଆଣିବା କାଠ ॥
ମୁଣ୍ଡେ ରଖିଥା ଏକ ଗୋଛା କାଠ । ସ୍ୱାମୀ ସହିତ ବାଟେ ହେବ ଭେଟ ॥
କାଠ ଦେଖି ସେ କରିବ ରୋଷେଇ । ଖାଇ ବିଶ୍ରାମ କରିବ ଏଠାଇ ॥
ବିଶ୍ରାମ ପରେ ଯିବ ସେ ଘରକୁ । ପଛେ ଚାଲିବୁ ମୁଣ୍ଡାଇ କାଠକୁ ॥
ପାଟି କରି ତୁ ଶାଶୁକୁ ଡାକିବୁ । କାଠଗୋଛାକୁ ମୁଣ୍ଡରୁ ଓହ୍ଲାଇବୁ ॥
ଶାଶୁକୁ ମାଗିବୁ ବଗଡ଼ା ଭାତ । ସଢ଼େଇରେ ମୁନ୍ଦେପାଣି ଦିଅତ ॥
ସ୍ୱାମୀ ଦେଖୁ ତୋର ଏହି ହିନସ୍ତା । ପରେ କହିବି ମୁଁ ସବୁ ବ୍ୟବସ୍ଥା ॥
ସନ୍ତୋଷୀ ମା' କହିଲେ ଯେପରି । ସାନବୋହୂ ସବୁ କଲା ସେପରି ॥
ସେହିକ୍ଷଣି ତା ସ୍ୱାମୀ ପ୍ରବେଶିଲା । କାଠ ଦେଖିଣ ରୋଷାଇ କରିଲା ॥
ରୋଷାଇ ପରେ ଖିଆପିଆ ସାରି । ବିଶ୍ରାମ କଲା ଗାମୁଛାକୁ ପାରି ॥
ବିଶ୍ରାମ ପରେ ଚାଲିଲା ଘରକୁ । ସାନବୋହୂ ନେଇ କାଠଗୋଛାକୁ ॥
ଯାହା କହିଥିଲେ ସନ୍ତୋଷୀ ମାତା । ସାନବୋହୂ ସେହିପରି କଲା ତା ॥
ପୁଅ ସ୍ୱ-ଚକ୍ଷୁରେ ସବୁ ଦେଖିଲା । ନ ଜାଣିଲା ପରି ତା ପଚାରିଲା ॥
ମାଆଲୋ ଏ ସ୍ତ୍ରୀଟି କିଏ କହିବୁ । ମୋର ମନରୁ ସଂଶୟ ଦହିବୁ ॥
ପୁଅ ଏପରା ତୋର ନିଜ ବୋହୂ । ତାର କଥା ତୁ ପଚାରନା ଆଉ ॥
ତୁହି ଗଲାଦିନୁ ହୋଇ ପାଗଳି । ସାହି ସାହି ବୁଲୁଛି ଗଳି ଗଳି ॥
ଘରେ କରୁନି କାମଧନ୍ଦା କିଛି । ନକରି ଖାଇବା ବେଳେ ଖାଉଛି ॥
ତୋତେ ଦେଖିଚ ଏଠାରେ ଆସିଣ । ସଢ଼େଇରେ ପାଣିପିଏ ମାଗି ॥
ସବୁକଥା ଜାଣି ପୁଅ କହିଲା । ଯାହା ହେବାରଥିଲା ହୋଇଗଲା ॥

ଏବେ ଅଲଗା ଘରେ ମୁଁ ରହିବି । ଅଲଗା ରୋଷେଇ କରି ଖାଇବି ॥
ପୁଅ କଥାରେ ମାତା ରାଜି ହୋଇ । ମହା ଆନନ୍ଦରେ ରହିଲେ ଯାଇଁ ॥
ପତି ପତ୍ନୀ ଦୁହେଁ ଅଲଗା ହୋଇ । ଅନ୍ୟ ଘରଚାବି ଦେଲା ଫିଟାଇ ॥
ସାନବୋହୁ କାମନା ପୂର୍ଣ୍ଣ ହେଲା । ଉଦ୍ୟାପନ ଶୁକ୍ରବାର ଅଇଲା ॥
ପତି ପତ୍ନୀ ଦୁହେଁ ପୂଜା ଦରବ । ମିଳି ଯୋଗାଡ଼ କରିଣ ସରବ ॥
ଆରମ୍ଭି ଉଦ୍ୟାପନ ବାରତା । ଉଚ୍ଚସ୍ୱରେ ଜୟ ସନ୍ତୋଷୀମାତା ॥
କହି ଦେଢ଼ଶୁର ପିଲାମାନଙ୍କୁ । ଡାକିଆଣିଲା ଭୋଗ ଖାଇବାକୁ ॥
ମାତାମାନଙ୍କଠୁ ଶିକ୍ଷା ପାଇଣ । ଆସିଥିଲେ ପିଲା ରାଜି ହୋଇଣ ॥
ଖିରୀପୁରୀ ଚଣା ଶାଗ ଖାଇଲେ । ଶେଷେ ଖଟାଦିଅ ବୋଲି ମାଗିଲେ ॥
ସାନବୋହୁ ଖଟା କଥା ଶୁଣିଲା । ନିଜ ଭାଗ୍ୟକୁ ପ୍ରମାଦ ଗଣିଲା ॥
ପିଲାଙ୍କୁ କହିଲା ସେହି ବୁଝାଇ । ଏ ପୂଜାରେ ଖଟା ଖାଆନ୍ତି ନାହିଁ ॥
ସମସ୍ତଙ୍କୁ ଦକ୍ଷିଣା ଟଙ୍କା ଦେଲା । ସ୍ୱାମୀ ସହିତ ପ୍ରସାଦ ଖାଇଲା ॥
ପିଲେ ଦକ୍ଷିଣା ପାଇଣ ଚଳିଲେ । ସର୍ବ ଖଟା କିଣିକରି ଖାଇଲେ ॥
ମାତାମାନେ ଖଟା କଥା ବତାଇ । ଥିଲେ ପିଲାମାନଙ୍କୁ ସେ ପଠାଇ ॥
ଏ ପୂଜାରେ ଯିଏ ଖଟା ଖାଆନ୍ତି । ସନ୍ତୋଷୀମାତା ଯେ କୋପ ହୁଅନ୍ତି ॥
ଯାଆମାନଙ୍କ କପଟ ଯନ୍ତ୍ରଣା । ଜାଣି ସାନବୋହୁ ହୋଇଲା ବଣା ॥
ଦୟାବହି ଘେନ ମାତା ପଣତି । ଶ୍ରୀପଦେ କଳ୍ପତରୁର ମିନତି ॥

## ମାତାଙ୍କ କୋପ ଓ ସାନ୍ତ୍ୱନା

ଶୁଣ ସ୍ୱଜନେ ଦେଇଣ ଚିତ୍ତକୁ । ଖଟା ଖାଇ ନଷ୍ଟ କରି ବ୍ରତକୁ ॥
ମନ ଖୁସିରେ ପିଲେ ଚାଲିଗଲେ । ମାତାମାନଙ୍କୁ କହିଣ ରହିଲେ ॥
ବ୍ରତଭ୍ରଷ୍ଟ ହେବ ମାତା ଦେଖିଣ । କୋପେ ପ୍ରଜ୍ୱଳିତ ହୋଇତକ୍ଷଣ ॥
ସାନ ପୁତ୍ର ପରେ କୋପ ହୋଇଲେ । ରାଜକର୍ମୀଙ୍କ ଦ୍ୱାରା ବାନ୍ଧିନେଲେ ॥
ଦେଖି ଭାଇ ଭାଉଜ ଖୁସି ହୋଇ । ନିଜ ମଧ୍ୟରେ ହେଲେ କୁହାକୁହି ॥
ଚୋରିକରି ଧନ କାହୁଁ ଆଣିଲା । ରାଜାଙ୍କ ନଜରେ ପିଲା ପାଇଲା ॥
କଲା କର୍ମଫଳ ପିଲା ବୁଝିବ । ରାଜା ଘରେ ଯାଇ ଘଣା ପେଲିବ ॥
ଏହିପରି ଟାପରା କେତେ କଲେ । ସାନବୋହୁକୁ ଦେଖେଇ କହିଲେ ॥

ଧୈର୍ଯ୍ୟଧରି ସାନବୋହୁ ଚଳିଲା । ସନ୍ତୋଷୀ ମାତା ମନ୍ଦିରେ ମିଳିଲା ॥
ମା ସନ୍ତୋଷୀମାତା ଚରଣରେ ପଡ଼ି । ଅତି ଆକୁଳେ କହେ କରଯୋଡ଼ି ॥
ପ୍ରଥମରେ ମାତା ଦେଲୁ ହସାଇ । ଏବେ କରିଆରେ ଦେଲୁ ଭସାଇ ॥
ଜାଣିଶୁଣି ଅପରାଧ କରିନି । ଦୋଷ କ୍ଷମାକର ମାଗୋ ଜନନୀ ॥
ଶୂନ୍ୟ ଶୁଭିଲା ମାତାଙ୍କ ବଚନ । ଝିଅ ଏତେ ଶୀଘ୍ର ହେଲୁ ଅଜ୍ଞାନ ॥
ମୋର ବ୍ରତ ଅହଙ୍କାରେ ଭାଙ୍ଗିଲୁ । ଜାଣି ଶୁଣି କଥାରେ ଭାସିଗଲୁ ॥
ଏହିବାର ଦୋଷ କ୍ଷମା ଜନନୀ । ପୁନର୍ବାର ଏପରି ହୋଇବନି ॥
ଆଉ ଥରେ କରିବି ଉଦ୍ୟାପନ । ଏବାରକ କର ଦୋଷ ମୋଚନ ॥
ଝିଅ ଯାଅ ଚଳି ନିଜ ଘରକୁ । ବାଟରେ ଭେଟିବୁ ନିଜ ନାହାକୁ ॥
ଶୁଣି ସାନବୋହୁ ଖୁସି ହୋଇଲା । ବାଟେ ଭେଟିଣ ସ୍ୱାମୀଙ୍କୁ କହିଲା ॥
ରାଜା ଧରି ନେଇ ଥିଲେ କିମ୍ପାଇ । ନାଥ ସତକୁହ ମତେ ଫିଟାଇ ॥
ପୁଣି ସାନବୋହୁ ବୋଲେ ବଚନ । ଅର୍ଜ୍ଜନ କଲେ ଯେ ଅନେକ ଧନ ॥
ସେଇ ବାବଦରେ ଟିକସ ପାଇଁ । ରାଜ କର୍ମଚାରୀ ନେଲେ ଡକାଇ ॥
ଜମା କରିଦେଲି ଆଜି ଟିକସ । ରାଜା ହୋଇଲେ ପରମ ସନ୍ତୋଷ ॥
କଥୋପକଥନ ହୋଇ ଫେରିଲେ । ଖୁସି ଆନନ୍ଦରେ କାଳ କାଟିଲେ ॥
ବ୍ରତ ଉଦ୍ୟାପନ କରିବା ପାଇଁ । ପତିପତ୍ନୀ ଦୁହେଁ ମନ ବଳାଇ ॥
ପୂଜା ଦ୍ରବ୍ୟମାନ ଯୋଗାଡ଼ କଲେ । ଗୁଡ଼ ଚଣା ଆଦି କିଣି ଆଣିଲେ ॥
ନାନାଜାତି ଫୁଲ ଆଣିଲେ ତୋଳି । ଗନ୍ଧଚନ୍ଦନ ଘୃତବଳୀ ଜାଳି ॥
ଝୁଣାଦୀପ ଆଦି ନାନାଦି ଦ୍ରବ୍ୟ । ଆୟୋଜନ କରି ଆଣିଲେ ସର୍ବ ॥
ଭକ୍ତିଭାବେ ଶୁଦ୍ଧ ଚିତ୍ତରେ ରହି । ଉଦ୍ୟାପନ ବ୍ରତ ପାଳିଲେ ସେହି ॥
ସନ୍ତୋଷୀମାତା ବ୍ରତ ଉପାଖ୍ୟାନ । ଧିରଚିତ୍ତରେ ଶୁଣିଲେ ଦେଇ ମନ ॥
ପୂଜା ସମାପନା ପରେ ବହନ । ପତିପତ୍ନୀ ଦୁହେଁ ଆନନ୍ଦ ମନ ॥
ଜୟ ମା' ସନ୍ତୋଷୀ ସନ୍ତୋଷୀ କହି । ସାଷ୍ଟାଙ୍ଗେ ପ୍ରଣମି ଉଠିଲେ ତହିଁ ॥
ପ୍ରସାଦ ସଭିଙ୍କୁ ବାଣ୍ଟିଣ ଦେଲେ । ବ୍ରାହ୍ମଣ ପିଲାଙ୍କୁ ଡାକି ଆଣିଲେ ॥
ପୁରୀ ଖିରି ଗୁଡ଼ ଚଣା ବହନ । ଆନନ୍ଦ ମନରେ ଦେଲେ ଭୋଜନ ॥
ଦକ୍ଷିଣା ରୂପେ ଫଳ ଆଣି ଦେଲେ । ଶେଷରେ ପ୍ରସାଦ ନିଜେପାଇଲେ ॥

ଏପରି କିଛିଦିନ ବିତିଗଲା । ତାଙ୍କ ପ୍ରତି ମାତାଙ୍କ ଦୟା ହେଲା ॥
ସାନବୋହୂ ପ୍ରତି ହୋଇ ପ୍ରସନ୍ନ । କୋଳେ ସୁପୁତ୍ର କରିଲେ ପ୍ରଦାନ ॥
ପ୍ରଫୁଲ୍ଲିତ ହେଲା ଦୁହିଁଙ୍କ ମନ । ମାତାଙ୍କ ଦୟାରୁ ବଢ଼ିଲା ଧନ ॥
ଦୟାକର ମାତ ଦୟା ସାଗରୀ । ଶ୍ରୀଚରଣେ ଚିତ୍ତ ରହୁ ମୋହରି ॥
କରଯୋଡ଼ି କଳ୍ପତରୁ କହଇ । ସନ୍ତୋଷୀ ମା' ପାଦେଧ୍ୟାନ ଜଣାଇ ॥

## ସନ୍ତୋଷୀ ମାତା

(ସାନ ପୁଅ ଭାଇ ଭାଉଜଙ୍କୁ ପରୀକ୍ଷା ଓ ସଭିଙ୍କୁ ବର ପ୍ରଦାନ)

ଶୁଣ ଶୁଦ୍ଧି ବୃନ୍ଦ ହୋଇଣ ଚିତ୍ତ । ଏଥୁଅନ୍ତେ ଯାହା ହେଲା ଚରିତ ॥
ଦିନେ ମାତା ମନରେ ବିଚାରିଲେ । ଅତି କୁତ୍ସିତ ମୂରତି ଧରିଲେ ॥
ଗୁଡ଼ ସାଲୁବାଲୁ କରି ମୁହଁକୁ । ଶୁଣ୍ଡପରି କଲେ ନିଜ କାନକୁ ॥
ଦେହକୁ କରି ମାଛି ଭଣଭଣ । ବୁଢ଼ାଘରେ ପ୍ରବେଶିଲେ ଯାଇଣ ॥
ଶାଶୁ ବୁଢ଼ୀ ଯହୁଁ ତାଙ୍କୁ ଦେଖିଲା । ଭୟେ ନାତି ନାତୁଣୀଙ୍କୁ ଡାକିଲା ॥
ଦେଖ ଡାହାଣୀକି ଅବା ଯୋଗଣି । ଆମ ଘରେ ଆସି ପହଞ୍ଚିଲାଣି ॥
ଧରି କଞ୍ଚା ଚୋବାଇବ କାହାକୁ । କିପରି ବିଦା କରିବ ତାହାକୁ ॥
ବୁଢ଼ୀ ମାଆଙ୍କର ବାଣିକୀ ଶୁଣି । ପିଲାଙ୍କର ଦେହ ପିଳେହି ପାଣି ॥
ଯାଆମାନେ କବାଟରେ କିଳିଣି । ଦେଇ ଶାଶୁ ପାଖେ କଲେ ଭାଳେଣି ॥
ଜଳାବାଟେ ସାନବୋହୂ ଦେଖିଲା । ଠାକୁରାଣୀ ବୋଲି ଚିହ୍ନିପାରିଲା ॥
କ୍ଷୀର ପିଆଉ ଥିଲା ତା ପୁଅକୁ । ଛାଡ଼ି ଓଳଗି ହୋଇଲା ମାଆଙ୍କୁ ॥
ରାଗେ ଚମ ଚମ ହୋଇଣ ବୁଢ଼ୀ । ବୋଲେ ପିଲାଟାକୁ ଦେଲୁ କଚାଡ଼ି ॥
ସାନବୋହୂ ଶାଶୁ କହେ ବାଣୀ । ଏଟା ସନ୍ତୋଷୀ ମାତା ଠାକୁରାଣୀ ॥
ଆମ ଘରକୁ ବିଜେ ହୋଇଛନ୍ତି । ଚାଲ ତାହାକୁ କରିବା ପ୍ରଣତି ॥
କହି ସମସ୍ତ କବାଟ ଖୋଲିଲା । ଶାଶୂ ଯାଆମାନଙ୍କୁ ସେ ଡାକିଲା ॥
ସ୍ୱାମୀ ଦେଢ଼ଶୁର ପିଲାମାନଙ୍କୁ । ଡାକି ଚିହ୍ନାଇ ସନ୍ତୋଷୀମାତାଙ୍କୁ ॥
ଗଲେ ମାତାଙ୍କ ଶ୍ରୀଚରଣେ ପଡ଼ି । ସର୍ବେ ବିନୟେ କରପତ୍ର ଯୋଡ଼ି ॥

ଅତି କାତରେ କରନ୍ତି ମିନତୀ । ମାତା ଆମ୍ଭେ ତୋ ଅଜ୍ଞାନ ସନ୍ତତି ॥
ଅପରାଧ କ୍ଷମା କର ଜନନୀ । ପଦେ ପଡ଼ି ସର୍ବେ କଲେ ଦୟିନୀ ॥
ସର୍ବଦୋଷ କ୍ଷମାକର ଆମ୍ଭର । କହି ପଡ଼ିଗଲେ ମାତା ପୟର ॥
ସ୍ତୁତି ବାକ୍ୟଶୁଣି ମାତା ପ୍ରସନ୍ନ । ବହନରେ ସଭିଙ୍କୁ ବରଦାନ ॥
ଦେଇ ଅନ୍ତର୍ଦ୍ଧାନ ମାତାହୋଇଲେ । ଭକ୍ତମାନଙ୍କ ଅନ୍ତରେ ରହିଲେ ॥
ଶୁଣି ସର୍ବେ ଉଠିଲେ ହୋଇ ଖୁସି । ମୁଖେ ଜୟ ସନ୍ତୋଷୀ ସନ୍ତୋଷୀ ॥
ପୁଣି ସର୍ବେ ଉଚ୍ଚସ୍ୱରେ ଉଚ୍ଚାରିଲେ । ସନ୍ତୋଷୀ ବ୍ରତ ମନେ ମନାଶିଲେ ॥
ବ୍ରତ ସନ୍ତୋଷୀ କଥା ସମାପନ । ହେଲ ସରବେ ହୋଇ ତୋଷମନ ॥
ସର୍ବେ ପୂଜା ପ୍ରସାଦକୁ ପାଇଣ । ହରିବୋଲ ହୁଳହୁଳି ଦେଇଣ ॥
ଚିତ୍ତ ରଖି ମା' ସନ୍ତୋଷୀ ପଦରେ । ଗୃହେ ଚଳିଲେ ମନ ଆନନ୍ଦରେ ॥
ନାହିଁ ତୋପାଦେ ମାତ ମୋଭକତି । ତୋ ମହିମା ବର୍ଣ୍ଣିବା କାହିଁଶକ୍ତି ॥
ତୋରି କରୁଣା କିଞ୍ଚିତେ ପ୍ରକାଶ । ହେବାରୁ ବଳିଲା ମୋର ମାନସ ॥
ଗଦ୍ୟକୁ ପଦ୍ୟ ଆକାରେ ବଖାଣି । ଗଳି ଭାବ ଭକତିକୁ ନ ଜାଣି ॥
ମାତ୍ର ଏତିକି ଚରଣେ ଦଇନି । ମାଠ ଅପରାଧ ଘେନ ଜନନୀ ॥

## ସନ୍ତୋଷୀ ମାତାଙ୍କ ଭଜନ ଓ ଆଳତୀ

ସନ୍ତୋଷୀ ସନ୍ତୋଷୀ ମାଗୋ ସନ୍ତୋଷୀ ମାଆ
ସନ୍ତୋଷୀ ସନ୍ତୋଷୀ ମା' ହୁଅ ମା ସାହା । (ଘୋଷା)
ପଦ୍ମ ପାଖୁଡ଼ାରେ ଉଭା ପାଟ ଶାଢ଼ୀ ପିନ୍ଧି ଶୋଭା
ଦିଶୁ କେଡ଼େ ମନ ଲୋଭା କେ ବର୍ଣ୍ଣେ ତାହା ।୧।
ମସ୍ତକେ ମଣି ମୁକୁଟ ଦିଶୁଥାଏ ଝଟ ଝଟ
ସିନ୍ଦୂର ବିନ୍ଦୁ ଲଲାଟେ ଭାନୁ ସୁଷମା ।୨।
ନୟନରେ ନେତ୍ରାଞ୍ଜନ ତାଟକା ଦଳିତ ବର୍ଣ୍ଣ
ଗଳେ ଚାପସରୀ ମାଳ କି ମନୋରମ ।୩।
ଖଣ୍ଡା ଖର୍ପରକୁ ଧରି ଦୁରିତ ଦର୍ପ ବିଦାରି
ଦେ ତୋ କଟି କିଙ୍କଣି କିଙ୍କିଣୀ ।୪।

ଘଣ୍ଟା ଘଣ୍ଟା ଶବଦରେ ମୃଦଙ୍ଗ ନାଚରେ
ମେଦିନୀ କମ୍ପେ ଆଳତୀ ସମୟେ ମାଆ ।୫।
ମୂଢ଼ମତି ମୁଁ ଅଜ୍ଞାନ, ଭକତିରେ ନାହିଁ ମନ
ଚରଣେ ପ୍ରଣତି ଘେନ ବହି ସୁଦୟା ।୬।
କୃପାକରି କୃପାମୟ ଦୀନଠାରେ ଦୟା ବହି
ତୋ ବିନୁ ଅନ୍ୟ କେ ନାହିଁ ହେବାକୁ ସାହା ।୭।
କରୁଣାମୟୀ କରୁଣାକର ନ କରି ଊଣା
ସର୍ବଗୁଣରେ ନିପୁଣା ତୁ ଯେଣୁ ମାଆ ।୮।
ତୁହି ମାତ ଆଦିଶକ୍ତି ତୁହି ମାତ ଭଗବତୀ
ଦୂରକର ମୋ ଦୁର୍ଗତି ବହିଣ ଦୟା ।୯।
ମିନତି ତୋ ଶ୍ରୀଚରଣେ କୃପାଦୃଷ୍ଟି ତୋ ସନ୍ତାନେ
ଦେଇଣ କଳ୍ପତରୁକୁ କର ସୁଦୟା ।୧୦।

## ମାତାଙ୍କ ଆରତୀ

### (କଳା କଳେବର - ବୃତ୍ତେ)

ଜୟ ଜୟ ମାତା ସନ୍ତୋଷୀ ମାଗୋ ଜଗଜ୍ଜନନୀ
ଜୟ ଜୟ ମାତ ପତିତ ପାତକ ବିନାଶିନୀ ।
ଶିରେ ମୁକୁଟ ଗଳେ ମାଳ ହୃଦେ ହାର ବିରାଜେ
ବିଶାଳ ତୋ ଚାରି ଭୁଜରେ ସର୍ବ ଆୟୁଧ ସାଜେ ।
ସ୍ୱର୍ଣ୍ଣ ସିଂହାସନ ଉପରେ ବସି ତେଜ ପ୍ରକାଶୁ
ଶୁକ ଖଡ଼୍ଗ କରେ ଧରିଣ ଭୟଙ୍କର ମା' ଦିଶୁ ।
ସିନ୍ଦୁର ବିନ୍ଦୁ ମା' ସାଙ୍ଗରେ ନାସାରେ ଗଜମୋତି
କୋଟି ରବିଶଶି ତେଜ ତୋ ମୁଖ ଚନ୍ଦ୍ରମା ଜ୍ୟୋତି ।
ଗୁଡ଼ଚଣା ଶାଗ ତୋ ଭୋଗ ପ୍ରିୟ ତୋ ଶୁକ୍ରବାର
କଥା ଶୁଣି ଭକ୍ତ ଉଚ୍ଚରେ କରନ୍ତି ଜୟକାର ।
ସ୍ୱର୍ଣ୍ଣଥାଳି ସ୍ୱର୍ଣ୍ଣ ଝରିରେ କର୍ପୂର ଘୃତବତୀ
ଭକ୍ତିଚିତ୍ତେ ଭକ୍ତେ କରନ୍ତି ମାଗୋ ତୋର ଆଳତୀ ।
ଜୟ ମାତା ଜୟ ସନ୍ତୋଷୀ ପ୍ରେମ ସଙ୍ଗୀତ ଗାଇ
ଶ୍ରୀରାମ ସ୍ୱରୂପ ବଖାଣେ ସୁଖ ସମ୍ପଦ ପାଇଁ ।
ହିନ୍ଦିରୁ ରାମକେରୀ ରାଗେ ଲେଖା ହେଲା ଆରତୀ
ଦୋଷ ନ ଘେନିବ ସୁଜନେ କଳ୍ପତରୁ ପ୍ରଣତି ।

## ମାତାଙ୍କ ଭୋଗ ଆଳତୀ

ବନ୍ଦେ ବନ୍ଦେ ମାତା ସନ୍ତୋଷୀ ବନ୍ଦେ ସନ୍ତୋଷୀ ମାତା
ଆପଣା ଭକ୍ତଜନେ ସୁଖ ଦେଉ ସମ୍ପତ୍ତି ଦାତା ।
ସୁନ୍ଦର ଚିତ୍ତ ଶୂଳ ହରି ମାତା କରୁ ଧାରଣ
ହୀରା ପରା ତନୁ ଦମକେ ସିଙ୍ଗାର ବେଳେ ଜାଣ ।
ମେରୁ ସେଲଛଟା ଛବି ତୋ ତନୁ କଲମ ଶୋହେ
କରୁଣାମୟୀ ମନ୍ଦହାସେ ଭୁବନ ମନ ମୋହେ ।
ସ୍ୱର୍ଣ୍ଣ ସିଂହାସନେ ବସିଣ ତୋ ଆଲଟ ଚାମର
ଧୂପ ଦୀପ ମେୱା ଭୋଗ ନାନା ପ୍ରକାର ।
ଚଣା ଗୁଡ଼ରେ ମା' ସନ୍ତୋଷୀ ସନ୍ତୋଷ ହୋଇଥାନ୍ତି
ସନ୍ତୁଷ୍ଟ ଚିତ୍ତେ ଭକ୍ତଗଣେ ବିଭବ ଦେଇଥାନ୍ତି ।
ମାତାଙ୍କର ପ୍ରିୟ ଦିବସ ଶୁକ୍ରବାର ଅଟଇ
ଭକ୍ତମଣ୍ଡଳୀର କଥାକୁ ଶୁଣି ହୁଅନ୍ତି ମୋହି ।
ଜଗ ମଗଲ୍ଲତି ମନ୍ଦିର ମଙ୍ଗଳ ଧ୍ୱନୀ ହେଇ
ବିନୟ ଭରେ ତୋ ଭକତ ଶରଣ ଶିରନଇଁ ।
ଭକ୍ତ ଭାବମୟ ପୂଜାକୁ ଅଙ୍ଗକାର କହନ୍ତି
ଆହା ମନ ଯାହା ବାଞ୍ଛିତ ଫଳ ଦେଇଥାନ୍ତି ।
ଦୀନ ଦରିଦ୍ର ଦୁଃଖୀ ରଙ୍କି ରୋଗୀ ସଙ୍କଟୁ ମୁକ୍ତି
ବହୁତ ସମ୍ପଦ ଦେଇଣ କର ସୌଭାଗ୍ୟବତୀ ।

ଧ୍ୟାନ ଧାରଣା ଯେ କରଣ ବାଞ୍ଛିତ ଫଳ ପାଇଁ
ପୂଜା କରି କରି ଶ୍ରବଣ ମନେ ଆନନ୍ଦ ହୋଇ ।
ଶରଣ ଜନର ଲଜ୍ୟାକୁ ରଖୁ ମା' ଜଗଦମ୍ବେ
ସଙ୍କଟ ତାର ନାଶିବାରେ ଜୟ ଜୟ ଅମ୍ବେ ।
ସନ୍ତୋଷୀ ମାଇଜୀ ଆରତୀ ଯେ ଜନ ତୋର ଗାଏ
କବି ମୁକୁନ୍ଦ ଘର କେତେ ସୁଖ ସମ୍ପତ୍ତି ପାଏ ।
ହିନ୍ଦିରୁ ଓଡ଼ିଆ ହୋଇଛି ଭୋଗ ଆରତୀ ଗୀତ
ସୁଜନେ ଦୋଷ ନ ଧରିବ ମାଠର ପ୍ରଣିପାତ ।

— ✡ —

## ସନ୍ତୋଷୀମାତାଙ୍କ ଭଜନ

ମଙ୍ଗଳବାସ ମା' ମଙ୍ଗଳବାସ । ମାତା ତୋ ମନ୍ଦିରେ ମଙ୍ଗଳବାସ ॥
ଅନ୍ନପୂର୍ଣ୍ଣା ଜଗଦୀଶ୍ୱରୀ । ଜୟ ମା' ସନ୍ତୋଷୀ ପରମେଶ୍ୱରୀ ॥
ସମସ୍ତଙ୍କ ପୂରାଉ ମନ ଆଶ । ମାତା ତୋ ମନ୍ଦିରେ ମଙ୍ଗଳବାସ ॥
ଧୂପ ଦୀପରେ ଦଶଦିଗ ଛାଇ । ବିଶ୍ୱ ମଙ୍ଗଳର ଶୋକ ଲିଭାଇ ॥
ଭକ୍ତ ଜନମନ କର ଉଲ୍ଲାସ । ମାତା ତୋ ମନ୍ଦିରେ ମଙ୍ଗଳବାସ ॥
ଝଲମଲ ମାଗୋ ନିପକୀମାଳ । ତିନିଲୋକ ଶୋକଛାୟା ଉଜ୍ଜ୍ୱଳ ॥
ନିର୍ମଳ ଜ୍ୟୋତିଷୀ କରୁ ପ୍ରକାଶ । ମାତା ତୋ ମନ୍ଦିରେ ମଙ୍ଗଳବାସ ॥
କଣ୍ଠେ ଶୋହେ ମାତ କୁସୁମବାଳା। ସୁଗନ୍ଧରେ ଭ୍ରମର ମତୁଆଲା ॥
ମହକଇ ମାତ ଭୂମି ଆକାଶ । ମାତ ତୋ ମନ୍ଦିରେ ମଙ୍ଗଳବାସ ॥
ତୁହି ମା' ଅମ୍ବିକା ତୁହି ମା' ରମା । ମାତ ବ୍ରହ୍ମଚରା ତ ତିଲୋତ୍ତମା ॥
ଭକ୍ତଗଣ ହୃଦେ ସଦା ନିବାସ । ମାତା ତୋ ମନ୍ଦିରେ ମଙ୍ଗଳବାସ ॥
ମାତା ଅମ୍ବାଜୀବେଲା ବୋବାଲାଜୀ। ମାତା ତୋ ମନ୍ଦିରେ ମଙ୍ଗଳବାସ ॥
ଘଣ୍ଟା ଘଣ୍ଟ ଢୋଲ ମଦିରାବାଜେ । ଶଙ୍ଖ ନଗାଡ଼େ ନୋବତ ବାଜେ ॥
ଭକ୍ତଗଣ କରେ ଜୟ ପ୍ରକାଶ । ମାତା ତୋ ମନ୍ଦିରେ ମଙ୍ଗଳବାସ ॥
ଅଷ୍ଟପ୍ରହର ଅମୃତ ବରଷେ । ପାନ କରେ ସେ ବଡ଼ ହରଷେ ॥
କୃତାର୍ଥ ହୁଅନ୍ତି ପିଇ ସେ ରସ । ମାତା ତୋ ମନ୍ଦିରେ ମଙ୍ଗଳବାସ ॥
କୁଙ୍କୁମ ବର୍ଷା ଅତି ସୁଖଦାୟୀ । ସର୍ବଦା ରହଇ ସେ ଅରୁଣାନାୟି ॥
ନାଚେ ନରନାରୀ ହୋଇ ଉଲ୍ଲାସ । ମାତା ତୋ ମନ୍ଦିରେ ମଙ୍ଗଳବାସ ॥
ଭକ୍ତ ମନୋରଥ ପୂର୍ଣ୍ଣ ଭବାନୀ । ମାତା ଆଦିଶକ୍ତି ଆହେକଲ୍ୟାଣୀ ॥
ଗାଏ ମୁକୁନ୍ଦ ତୋ ଗୁଣ ବିକାଶ । ମାତା ତୋ ମନ୍ଦିରେ ମଙ୍ଗଳବାସ ॥

— ✡ —

## ସନ୍ତୋଷୀ ମାତା

ବନ୍ଦଇ ସନ୍ତୋଷୀ ଚରଣ ବୁଦ୍ଧି ଶୁଦ୍ଧି ଦାତାର
ଧ୍ୟାନେ ଧାରଣା କରି ଧନେ ଭବସାଗରୁ ପାର
ଭକ୍ତଙ୍କୁ ସନ୍ତୋଷ ହେଉ ମା' ସନ୍ତୋଷୀ ନାମ ତୋର
କୃପାକର ଜଗଦମ୍ବେ ମା' ଆସିଛି ତୋ ପୁର ।

(ଚୌପାଇ - ଗୋପୀଭାଷା ବୃତ୍ତେ)

ଜୟ ସନ୍ତୋଷୀ ମାତ ଅନୁପମା । ଶାନ୍ତି ପ୍ରଦାୟିନୀ ରୂପ ମନୋରମା ॥
ସୁନ୍ଦର ବର୍ଣ୍ଣ ଚତୁର୍ଭୁଜ ରୂପ । ବେଶ ସୁନ୍ଦର ଲଳିତ ସ୍ୱରୂପ ॥
ଶ୍ୱେତାମ୍ବରା ତୋ ରୂପ ମନୋହାରୀ । ତୁମ ଛବି ଜଗତରେ ନିଆରୀ ॥
ଦିବ୍ୟସ୍ୱରୂପ ମା' ପଦ୍ମ ଲୋଚନ । ଦର୍ଶନେ ସର୍ବ ସଙ୍କଟ ମୋଚନ ॥
ଜୟ ଗଣେଶ କି ସୁତା ସୁହାନି । ରୁଦ୍ଧି ଶୁଦ୍ଧି ସୁପୁତ୍ରି ମହାଜ୍ଞାନୀ ॥
ଅଗମ୍ୟ ଅଗୋଚର ତୋର ମାୟା । ସଭିଙ୍କ ଉପରେ ତୋ କୃପାଛାୟା ॥
ମାତା ତୋ ନାମ ଅନେକ ଅଟଇ । ଅଖିଳ ବିଶ୍ୱେ କେ ବର୍ଣ୍ଣିପାରଇ ॥
ଅନେକ ରୂପ ଧରିଥାଉ ମାତା । କେ ବର୍ଣ୍ଣିବ ତୋର ଉଚିତ ଗାଥା ॥
ଯେତେ ସ୍ଥାନରେ ରହିଅଛୁ ମାତ । କିଏ କହି ପାରିବ ଆଦିଅନ୍ତ ॥
ବିନ୍ଧ୍ୟଚଳରେ ମା' ବିନ୍ଧ୍ୟବାସିନୀ । କେଦେଶ୍ୱର ସରସ୍ୱତୀ ସୁହାନୀ ॥

କଲିକତାରେ ଅଟୁ ମାତ କାଳି । ଦୁଷ୍ଟ ବିନାଶିନୀ ମହା କରାଳି ॥
ସମ୍ବଲପୁରେ ବହୁଚରା ହେଉ । ଭକ୍ତଜନ ଦୁଃଖ କଷ୍ଟ ମେଣ୍ଟାଉ ॥
ବମ୍ବେ ଉନଗ୍ରେ ଅଟୁ ମହାରାଣୀ । ମହାଲକ୍ଷ୍ମୀ ମାତ ନାମ କୈଲାଣି ॥
ମଦୁରାରେ ମୀନାକ୍ଷୀ ନାମ ବହି । ସୁଖ ଦୁଃଖର ସବୁ ସାକ୍ଷୀ ହୋଇ ॥
ରାଜନଗରେ ମାଗୋ ଜଗଦମ୍ବେ । ଭଦ୍ରକାଳି ମାଗୋ ବୋଲାଉଥାମ୍ବେ ॥
ପାବାଗଡ଼ରେ ଅଟୁ ତୁହି ମାତା । ବିଶ୍ୱେ ଗାଆନ୍ତି ତୋରସାମଗାଥା ॥
କାଶୀ ଗୁରାଧିଶ୍ୱରୀ ଅଟୁ ମାତା । ଅନ୍ନପୂର୍ଣ୍ଣା ନାମରେ ମା' ସୁହତା ॥
ସର୍ବଜନ କବିମାଗେ କୌଲାଣି । ଦୁଃଖ ଦାରିଦ୍ର୍ୟ କ୍ଷଣକେ ବିନାଶି ॥
ସତେ ଯତି ଋଷି ଆଉ ମୁନିଷି । ନାରଦ ମହର୍ଷି ଆଉ ଦେବର୍ଷି ॥
ଜଗତରେ ଯେତେକ ନରନାରୀ । ଧ୍ୟାନ ଧାରଣ କରନ୍ତି ତୋହରି ॥
ଯାହା ଉପରେ କୃପାହୁଏ ମାତ । ଦୁଃଖ କଷ୍ଟରୁ ସେ ହୁଏ ମୁକତ ॥
ତୋର ଧ୍ୟାନ ଧାରଣା ଯେ ଧରନ୍ତି । ତୋର ମହିମା ଜନରେ ଗାଆନ୍ତି ॥
ନିଷ୍ଠା ଭାବରେ କରଇ ଭାବନା । ପୂର୍ଣ୍ଣକରୁ ମାତା ମନ କାମନା ॥
କୁମତି ବିନାଶି ହେଉ ସୁମତି । ଜୟତୀ ଜୟତୀ ମା' ଜଗଧାତ୍ରୀ ॥
ଶୁକ୍ରବାରଟି ତୋର ପ୍ରିୟଦିନ । ବ୍ରତ ସେଦିନ କରେ ଯେ ପାଳନ ॥
ଗୁଡ଼ଚଣା ତହିଁ ଭୋଗ ଲଗାଇ । ବ୍ରତକଥା ଶୁଣି ଜନେ ଶୁଣାଇ ॥
ବିଧି ବିଧାନେ ପୂଜାସାରି ତୋର । ଶୁଭେ ପ୍ରସାଦ କରିବ ଆହାର ॥
ଶକ୍ତିମତେ ବ୍ରାହ୍ମଣଙ୍କୁ ଭୋଜନ । ଦେଇ ଦକ୍ଷିଣା କରଇ ପ୍ରଦାନ ॥
ଯେଉଁ ନରନାରୀ ବ୍ରତ ପାଳନ୍ତି । ବାଞ୍ଛିତ ଫଳ ନିଶ୍ଚୟ ପାଆନ୍ତି ॥
ଭକ୍ତିକରେ ଯେ ଶରଣ ପଶଇ । ଭବସାଗରୁ ନିଶ୍ଚୟ ତରଇ ॥
ଯେଉଁ କୁମାରୀ ଏ ବ୍ରତ ପାଳନ୍ତି । ପତିବ୍ରତା ସୁହାଗିନୀ ବୋଲାନ୍ତି ॥
ଯେଉଁ ବିଧବା ଧ୍ୟେ କରଇ ଧ୍ୟାନ । ତାର ଦୁଃଖ କଷ୍ଟ ହୁଏ ନାଶନ ॥
ଜୟତୀ ଜୟତୀ ମାତା ସନ୍ତୋଷୀ । ଦିଅ ମାତା ବାଧାବିଘ୍ନ ବିନାଶି ॥
ମୋର ସଙ୍କଟ ଅତି ଗୁରୁତର । ମାତା ସନ୍ତୋଷୀ ମମ ଦୁଃଖ ହର ॥
ଧ୍ୟାନ ଧାରଣା କରେ ନିଶିଦିନ । ମମ ସନ୍ତୋଷୀ ମା' କର ମୋଚନ ॥
ତୋର ଚାଳିଶା ଯେ ନିତ୍ୟ ପଢ଼ିବ । ଭବସାଗରୁ ସେପାର ହୋଇବ ॥
ଦୁଃସାହାସ୍ରେ ମାନସ ବଳାଇଛି । ହିନ୍ଦୀ ଭାଷାକୁ ଓଡ଼ିଆ କରିଛି ॥
ଏଣୁ ସୁଜନେ ଦୋଷ ନ ଧରିବ । ମାତା ପ୍ରଣିପାତ ଘେନା କରିବ ॥

— ✡ —

## ସନ୍ତୋଷୀ ମାତାଙ୍କ ଅଷ୍ଟକ

(କରୀ ମସ୍ତକ କପୋଳ - ବୃତ୍ତ)

ମଙ୍ଗଳ ମୁରତୀ ରୂପ ମନୋହାରୀ
ଦିବ୍ୟ ସ୍ୱରୂପ ସର୍ବଦା ଭଜିୟାରି । (ଘୋଷା)
ଶ୍ରଷ୍ଟା ଭକତିରେ ମାତା ଅନୁପମ
ଭକ୍ତମାନଙ୍କ ମେଣ୍ଟାଉ ମନସ୍କାମ ।
ଭକ୍ତମାନଙ୍କ ସର୍ବଦା ହିତକାରି
ମଙ୍ଗଳ ମୁରତି ରୂପ ମନୋହାରୀ ।୧।
ମୁହିଁ ଅଜ୍ଞାନ ଜ୍ଞାନ ନାହିଁ କିଛି
ତୋର ଧ୍ୟାନ ଧାରଣାରେ ରହିଅଛି ।
ମମ ଅପରାଧ ଦିଅ କ୍ଷମାକରି
ମଙ୍ଗଳ ମୂରତି ରୂପ ମନୋହାରୀ ।୨।
ସଦା ରହୁଅଛୁ ଭକତଙ୍କ ହିତରେ
କିଏ ତ ଜାଣନ୍ତି ଏହି ଜଗତରେ ।
ସନ୍ତୋଷୀ ମାତାଙ୍କ ନାମ ସୁଖକରି
ମଙ୍ଗଳ ମୂରତି ରୂପ ମନୋହାରୀ ।୩।

ତୋର ଶାନ୍ତ ମୂର୍ତ୍ତି ଅଟଇ ପରମ
ଶାନ୍ତି ମିଳଇ ନେଲେ ସନ୍ତୋଷୀ ନାମ ।
ନିତ୍ୟ ପୂଜନ୍ତି ଜଗତ ନରନାରୀ
ମଙ୍ଗଳ ମୂରତି ରୂପ ମନୋହାରୀ ।୪।
ତୋର ପୂଜା ବ୍ରତକରି ଭକ୍ତଗଣ
ସଦା ସୁଖ ଶାନ୍ତି ପାଉଛନ୍ତି ଜାଣ ।
ଯେତେ ଅଛନ୍ତି ଜଗତେ ଦୁଃଖିଆରି
ମଙ୍ଗଳ ମୂରତି ରୂପ ମନୋହାରୀ ।୫।
ନିସ୍ତାରୁ ମାତା ତାଙ୍କୁ ଦୁଃଖ କଷ୍ଟ
ତୋର ନାମରେ ମେଣ୍ଟାଉ ସବୁ ରିଷ୍ଟ ।
ଧନଧାନ୍ୟ ମିଳେ ଆଉ ସୁଖକରି
ମଙ୍ଗଳ ମୂରତି ରୂପ ମନୋହାରୀ ।୬।
ସଦା ଭକ୍ତି ହିତରେ ମୋ ରହିଥାଉ
ଭକ୍ତ ଦୁଃଖ କଷ୍ଟକୁ ନିବାରି ଦେଉ ।
ମାତା ଅନେକ ସ୍ୱରୂପ ଥାଉ ଧରି
ମଙ୍ଗଳ ମୂରତି ରୂପ ମନୋହାରୀ ।୭।
ଚଣ୍ଡୀ ଚାମୁଣ୍ଡାଙ୍କୁ ରଖି ଅନ୍ତରାଳେ
ରୂପଟି ତୋହର କାଳି ବିକରାଳେ ।
ମା' ସର୍ବଦା ଦୁଷ୍ଟ ବିନାଶହାରି
ମଙ୍ଗଳ ମୂରତି ରୂପ ମନୋହାରୀ ।୮।
ଚଣ୍ଡୀ ରୂପ ଧରୁ ମାଗୋ ସାୟପୁରେ
ଦୁର୍ଗତି ଦର୍ପ ବିଦାରୁ ନିର୍ବିଘ୍ନରେ ।
ସରସ୍ୱତୀ ନାମେ ଜ୍ଞାନକୁ ପ୍ରସାରି
ମଙ୍ଗଳ ମୂରତି ରୂପ ମନୋହାରି ।୯।

କାଶୀପୁରରେ ମାତା ତୋ ସୁଖଧାମ
ମଙ୍ଗଳ କର ମାଆଗୋ ସୁଖକାମ ।
ସଦା ଶୋଭାପାଏ ରୂପ ତେଜିଆରି
ମଙ୍ଗଳ ମୂରତି ରୂପ ମନୋହାରି ।୧୦।
ସଦାକାଳେ ଧନଧାନୀ ପ୍ରଦାୟିନୀ
ଭକ୍ତ ଜନରେ ଅଭୟ ବରଦାନୀ ।
ନାମ ଅନ୍ନପୂର୍ଣ୍ଣା ଅନ୍ନପୂର୍ଣ୍ଣା କରି
ମଙ୍ଗଳ ମୂରତି ରୂପ ମନୋହାରି ।୧୧।
ବିକାଶ ମହିମା ମାଗୋ ସବୁଠାରେ
ଗୁଣ ବର୍ଣ୍ଣିବା ଶକ୍ତି ନାହିଁ ମାରେ ।
ଶକ୍ତିମୟୀ ଶକ୍ତି ଦିଅ ଦୟାକରି
ମଙ୍ଗଳ ମୂରତି ରୂପ ମନୋହାରି ।୧୨।
ପାବାଗଡ଼ରେ ଦୁର୍ଗା ମୂରତି ଧରି
ମହିଷାସୁର ଦର୍ପ ମର୍ଦ୍ଦନକାରୀ ।
ଭକ୍ତମାନଙ୍କ ସୁଖ ବର୍ଦ୍ଧନକାରୀ
ମଙ୍ଗଳ ମୂରତି ରୂପ ମନୋହାରି ।୧୩।
ବିନ୍ଧ୍ୟାଚଳରେ ମାଗୋ ବିନ୍ଧ୍ୟାବାସିନି
ଦିନ ଦରିଦ୍ର ଦୁଃଖ ମା' ବିନାଶିନୀ ।
ସୁଖ ପାଆନ୍ତି ଭକତେ ନାମସ୍ମରି
ମଙ୍ଗଳ ମୂରତି ରୂପ ମନୋହାରୀ ।୧୪।
ଜ୍ୱାଳାପୁରେ ମାତା ଗୋ ଜ୍ୱାଳାଦେବୀ
ଭକ୍ତେ ସୁଖ ପାଆନ୍ତି ତୋ ପଦ ସେବି ।
ଭବଜ୍ୱାଳା ଲିଭାନ୍ତି ଜ୍ୟୋତି ନିହାରି
ମଙ୍ଗଳ ମୂରତି ରୂପ ମନୋହାରୀ ।୧୫।

ଓଡ଼ିଶାର ଯାଜପୁରେ ବିରଜାଈ
ସମ୍ବଲପୁରରେ ମାତ ସମ୍ବଲାଈ ।
ମହିମା ବର୍ଣ୍ଣନା କେ ପାରିବ କରି
ମଙ୍ଗଳ ମୂରତି ରୂପ ମନୋହାରୀ ।୧୬।
ଝଙ୍କଡ଼ରେ ନାମ ମାଗୋ ତୋ ଶାରଳା
ବୋଲାଉଛୁ କାକଟପୁରେ ମଙ୍ଗଳା ।
ଚର୍ଚ୍ଚିକାରେ ଚର୍ଚ୍ଚିକାଈ ରୂପ ଧରି
ମଙ୍ଗଳ ମୂରତି ରୂପ ମନୋହାରୀ ।୧୭।
କଟକରେ ମା' କଟକଚଣ୍ଡୀ ହୋଇ
କଟକ ଦୁର୍ଗତି ଦର୍ପ ଦେଉ ଦହି ।
ମାଳିସାଇ ଚମ୍ପା ଦେଈ ନାମ ତୋରି
ମଙ୍ଗଳ ମୂରତି ରୂପ ମନୋହାରୀ ।୧୮।
ଯାର ହୃଦେ ବିରାଜୁ ସେ ହୁଏ ଧନ୍ୟ
ସୁଖ ଶାନ୍ତିରେ ବିତଇ ତାର ଦିନ ।
ତୋ ପଦ୍ମପାଦେ ସଦା ଭକ୍ତିକରି
ମଙ୍ଗଳ ମୂରତି ରୂପ ମନୋହାରୀ ।୧୯।
ଦିନୁ ଦିନ ଦୁଃଖ ଭାରି ହୁଏ ମୋର
ଦୟାମୟୀ ଯେ ବୁଝ ମୋ ଖବର ।
ସଦା ସର୍ବଦା ମୁଁ ତୋ କୃପା ଭିକାରୀ
ମଙ୍ଗଳ ମୂରତି ରୂପ ମନୋହାରୀ ।୨୦।
ମନମତି ମୋର ଜ୍ଞାନ ଡିଳେ ନାହିଁ
ଜ୍ଞାନ ଚକ୍ଷୁ ଖୋଲି ଦିଅ କୃପା ବହି ।
ଶ୍ରୀଚରଣେ ମାତ୍ର ଏତିକି ଗୁହାରି
ମଙ୍ଗଳ ମୂରତି ରୂପ ମନୋହାରୀ ।୨୧।

ତୋ ବିନା କେ ନାହିଁ ମୋ ସାହା ଭରସା
ସାହା ହୁଅ ମାନ କରି ଲୋକହସା ।
ଦୀନ ଦରିଦ୍ର ଦଶା ଫେଡ଼ ମୋହରି
ମଙ୍ଗଳ ମୂରତି ରୂପ ମନୋହାରୀ ।୨୨।
ମହା ସଙ୍କଟ ସିନ୍ଧୁରେ ନାବ ମୋର
ବୁଡ଼ି ଯାଉଛି ମାତ ଉଦ୍ଧାର କର ।
ନ ଉଦ୍ଧାରିଲେ ହେବ ନିନ୍ଦା ତୋହରି
ମଙ୍ଗଳ ମୂରତି ରୂପ ମନୋହାରି ।୨୩।
କଳି କାଳରେ ମା' ପାପ ହେଲା ଭରି
କ୍ଷମା ଗୁଣରେ ମା ଗୋ ଦିଅ ନିବାରି ।
ଶରଣାଗତ ଜନରେ ଦୟାକରି
ମଙ୍ଗଳ ମୂରତି ରୂପ ମନୋହାରୀ ।୨୪।
ମେଣ୍ଟାଉଛୁ ମା' କେତେ ଭକ୍ତଙ୍କ କଷ୍ଟ
ମାଗୋ ମୋ ପ୍ରତି ତିଳେ ହୋଇ ସନ୍ତୁଷ୍ଟ ।
ସର୍ବ ସଙ୍କଟରୁ ମୋତେ କର ପାରି
ମଙ୍ଗଳ ମୂରତି ରୂପ ମନୋହାରୀ ।୨୫।
ଶ୍ରଦ୍ଧା କରେ ଯେ ନିତ୍ୟ ଅଷ୍ଟକ ପଢ଼େ
ଦିନ ଦିନ ତା ଧନ ସମ୍ପଦ ବଢ଼େ ।
ବାଞ୍ଛାଫଳ ଦିଅନ୍ତି ମା' ଯାଚିକରି
ମଙ୍ଗଳ ମୂରତି ରୂପ ମନୋହାରୀ ।୨୬।
ବିଘ୍ନ ବିନାଶିନି ବିଘ୍ନ ନାଶି ମୋର
ଚିତ୍ତରହୁ ମା' ତୋ ପଦେ ହୋଇ ସ୍ଥିର ।
ଏତିକି ଦିଅ ଠାକୁର କୃପାକରି
ମଙ୍ଗଳ ମୂରତି ରୂପ ମନୋହାରି ।୨୭।

— ✡ —

## ଅନ୍ନପୂର୍ଣ୍ଣା ମାତାଙ୍କ ବ୍ରତ ଉପାଖ୍ୟାନ

(ରାଗ ରାମକେରୀ - ବୃତ୍ତେ)

ମନକର୍ଣ୍ଣ ଦେଇ ସୁଜନେ ଶୁଣ ଦେଇଣ ଚିତ୍ତ
ଅନ୍ନପୂର୍ଣ୍ଣା ବ୍ରତ ଅପୂର୍ବ କଥା ପୂର୍ବ ଚରିତ ।
ଧନଞ୍ଜୟ ନାମେ ବ୍ରାହ୍ମଣ ଅଟେ କାଶୀ ନିବାସୀ
ସୁଲକ୍ଷଣା ନାମେ ତାହାର ପତିବ୍ରତା ପ୍ରେୟସୀ ।
ମନ ମିଳାଇ ଦୁଇ ପ୍ରାଣୀ ବିତାଉଥାନ୍ତି ଦିନ
ଦୁଃଖିତ ମନଟି କେବଳ ଅଭାବ ଥିଲା ଧନ ।
ନିର୍ଦ୍ଧନ ବୋଲିଣ ମନରେ ସୁଖ ନଥିଲା ତାର
ଦିନେ ସୁଲକ୍ଷଣୀ ସ୍ୱାମୀଙ୍କୁ ବସାଇଣ ପାଖର ।
କିଛି ଉପାୟ ନ କରିଲେ ଧନ ଆସିବ କାହୁଁ
ନଈବାଲି ସରିଯିବଟି ବସିଣ ଖାଉ ଖାଉ ।
ସୁଲକ୍ଷଣା କଥା ସ୍ୱାମୀର ମନକୁ ପାଇଗଲା
ଶିବଙ୍କୁ ପ୍ରସନ୍ନ କରିବା ପୂଜାରେ ସେ ବସିଲା ।
ଭୋଦେବ ପୂଜା ମନ୍ତ୍ରପାଠ ମୋତେ ଆସଇ ନାହିଁ
ଯେ ପର୍ଯ୍ୟନ୍ତ ପ୍ରଶ୍ନ ନୋହିଛି ଜଳ ଛୁଇଁବି ନାହିଁ ।
ତିନିଦିନ ଜଳ ନ ଛୁଇଁ ଉପବାସେ ରହିଲା
କାଶୀ ବିଶ୍ୱନାଥ ଆନନ୍ଦ ଟଳମଳ ହୋଇଲା ।
ଅନ୍ନପୂର୍ଣ୍ଣା ଅନ୍ନପୂର୍ଣ୍ଣା ତା କାନରେ ତିନିବାର
କହି ଭୋଳାନାଥ ଚଳିଲେ ତହୁଁ କୈଳାସପୁର ।
ଧନଞ୍ଜୟ ମହା ଚିନ୍ତାରେ ପଡ଼ିଲେ ଏଥର
କେ କହିଲା ଅନ୍ନପୂର୍ଣ୍ଣା ମୋ କର୍ଣ୍ଣରେ ତିନିବାର ।
ମନ୍ଦିରରେ ଥିବା ବ୍ରାହ୍ମଣୀମାନଙ୍କୁ ପଚାରିଲା
ଶୁଣି ଧନଞ୍ଜୟ ଚଳିଲା ସୁଲକ୍ଷଣା ନିକଟ
ସମସ୍ତ ଫିଟାଇ ତା ଆଗେ କହିଗଲା ପ୍ରକଟ ।
ସୁଲକ୍ଷଣା କହେ ସ୍ୱାମୀ ହେ ଚିନ୍ତା କରନ୍ତୁ ନାହିଁ
ମନ୍ତ୍ର ଯିଏ ଦେଇ ଅଛନ୍ତି ସେ ଦେବେ ସମଜାଇ ।
ଆଉ ଥରେ ତାଙ୍କୁ ପ୍ରାର୍ଥନା କର ହୋଇ ବିନୟ
ପୂର୍ବପରି ଯାଇ ଧ୍ୟାନରେ ବସିଲା ଧନଞ୍ଜୟ ।
ଶୂନ୍ୟରେ ଶଙ୍କର କହନ୍ତି ଶୁଣ ତୁ ଧନଞ୍ଜୟ
ଅନ୍ନପୂର୍ଣ୍ଣା ସ୍ମରି ହୃଦୟେ ପୂର୍ବ ଦିଗକୁ ଯାଅ ।
ଭାଗ୍ୟ ଫେରିଯିବ ତୋହରି ସୁଖ ପ୍ରାପ୍ତି ହୋଇବ
ଶୂନ୍ୟବାଣୀ ଶୁଣି ପୂର୍ବକୁ ଯାତ୍ରା କଲା ଆରମ୍ଭ ।
ପଥେ ଫଳମୂଳ ଖାଇଣ ଝରଣା ଜଳ ପିଇ
କେତେ ଦିନେ ଯାଇ ମିଳିଲା ଏକ ଦେଶରେ ଯାଇଁ ।
ଏକ ପୁଷ୍କରିଣୀ ମନରେ ପଡ଼ିଲା ଯେ ତାହାରି
ଦେଖିଲା ତା କୂଳେ କେତେକ ସୁନ୍ଦରୀ ଅପସରୀ ।
ଅନ୍ନପୂର୍ଣ୍ଣା ମାତା ବୋଲିଣ କରୁଥିଲେ ଭଜନ
ମାର୍ଗଶୀର ଶୁକ୍ଳପକ୍ଷ ଯେ ହୋଇଥିଲା ସେଦିନ ।
ଅନ୍ନପୂର୍ଣ୍ଣା ବ୍ରତ ସେଦିନ ବୋଲି ଯୋଗ ପାଇଛି
ଯେଉଁ ଅନ୍ନପୂର୍ଣ୍ଣା ଶବ୍ଦକୁ ଧନଞ୍ଜୟ ଖୋଜୁଛି ।
ନିକଟକୁ ଯାଇ ତାଙ୍କର ବିନୟେ ପଚାରିଲା
ଦେବୀମାନେ ବସି ଏଠାରେ କିସ କରୁଛ ଭଲା ।
ଅପସରୀମାନେ କହନ୍ତି ଅନ୍ନପୂର୍ଣ୍ଣାଙ୍କ ବ୍ରତ
ପାଳନ କରୁଅଛୁ ଆମ୍ଭେ ସର୍ବେ ହୋଇ ଏକତ୍ର ।

ଏ ବ୍ରତ କରିଲେ କି ଫଳ ମିଳେ କୁହ ଫିଟାଇ
କିପରି ଏ ବ୍ରତ ପାଳନ୍ତି ମୋତେ ଦିଅ ବତାଇ ।
ଶ୍ରଦ୍ଧାରେ ଏ ବ୍ରତ କରିଲେ ଉପବାସ ରହିବ
ଏକୋଇଶ ଗଣ୍ଠି ବରତ ସୂତାରେ ପକାଇବ ।
ପୁଷ୍ପ ଚନ୍ଦନ ଘୃତ ଦୀପ ଭୋଗ ଆଦି ସଜାଡ଼ି
ରଖି ପୂଜା ସ୍ଥାନେ ବସିବ ଭକ୍ତିରେ କରଯୋଡ଼ି ।
ବ୍ରତ ପୋଥିକୁ ଏହିପରି ପଢ଼ିବ ଶ୍ରୋତାଗଣ
ଶ୍ରୋତା ନ ମିଳିଲେ ସିପଳି ବୃକ୍ଷ ତହିଁ ରଖିଣ ।
ଘୃତ କୁମାରୀ ଗଛ କିମ୍ୱା ମା' ତୁଳସୀ ଦେବୀଙ୍କୁ
ପ୍ରବୀର ସୂର୍ଯ୍ୟ ଦେବତାଙ୍କୁ କିମ୍ୱା ମହାଦେବଙ୍କୁ ।
ଶୁଣାଇ ଶୁଣିବ ଏ ବ୍ରତ ଭକ୍ତି ଭାବେ ରହି
ରାଗ ଅହଙ୍କାର ବର୍ଜିଣ ଶୁଦ୍ଧ ଚିତ୍ତରେ ତହିଁ ।
ଏହିପରି ବ୍ରତ ହୁଅଇ ଯିଏ କରଇ ବ୍ରତ
ଅନ୍ନପୂର୍ଣ୍ଣା ମାତା ହୁଅନ୍ତି ତାକୁ ସନ୍ତୋଷ ଚିତ୍ତ ।
ରୋଗୀ ଥିଲେ ହୁଏ ଆରୋଗ୍ୟ ଅନ୍ଧ ପାଏ ନୟନ
ଅପୁତ୍ରିକ ଥିଲେ ପ୍ରାପତ ହୁଏ ତାକୁ ନନ୍ଦନ ।
ନିର୍ଦ୍ଧନକୁ ମାତ ଦିଅନ୍ତି ଧନରତ୍ନ ବହୁତ
ବାଞ୍ଛିତ ଫଳ ସେ ପାଆନ୍ତି ବାସନା ଯେମନ୍ତ ।
ଏ ବ୍ରତ ପାଳିବା ପାଇଁ କି ଯେବେ ବଳିଛି ମନ
ନିଅ ବ୍ରତ ସୂତ୍ର ଆମଠୁ ବ୍ରତ କର ପାଳନ ।
ଧନଞ୍ଜୟ ଭକ୍ତ ଭାବରେ ବ୍ରତ ପାଳନ କଲା
ବ୍ରତ ପୂର୍ଣ୍ଣରେ ପର୍ବତ ଆଡ଼କୁ ଦୃଷ୍ଟି ଦେଲା ।
ଏକୋଇଶି କୋଟି ପର୍ବତ ଦେଖିଲା ବିସ୍ମୟରେ
ହୀରା ନୀଳା ମୋତି ମାଣିକ୍ୟ ପୂର୍ଣ୍ଣତ ସୁବର୍ଣ୍ଣରେ ।

ସିଢ଼ିପରେ ଉଠି ଦେଖିଲା ସୁବର୍ଣ୍ଣ ସିଂହାସନ
ବିରାଜିଛନ୍ତି ଅନ୍ନପୂର୍ଣ୍ଣା ପିନ୍ଧିପାଟ ବସନ ।
ଭିକ୍ଷା ପାଇଁ ଶିବ ଶଙ୍କର କରୁଛନ୍ତି କାମନା
ଥାଇ ପୂର୍ଣ୍ଣକରି ଦିଅନ୍ତି ଜନନୀ ଅନ୍ନପୂର୍ଣ୍ଣା ।
ଦେବାଙ୍ଗନାମାନେ ଚାମର ପକାଉଛନ୍ତି ରହି
ଭକ୍ତଗଣେ ମିଳି ପହରା ଦେଉଅଛନ୍ତି ତହିଁ ।
ଧନଞ୍ଜୟ ଯାଇ ବେଗରେ ଜଗଦମ୍ୱାଙ୍କ ପଦେ
ପଡ଼ିଗଲା ଲୟ ହୋଇଣ ତାର ମନ ଆନନ୍ଦେ ।
ଅନ୍ନପୂର୍ଣ୍ଣା ମାତା ଜାଣିଲେ ତାର ମନ ବାସନା
ଉଠ ଧନଞ୍ଜୟ ତୋହର ପୂର୍ଣ୍ଣ କଲି କାମନା ।
ଏତେକହି ତାର ଜିହ୍ୱାରେ ଲେଖିଲେ ବୀଜମନ୍ତ୍ର
ପ୍ରତିଲୋମ ମୂଳ ତାହାର ବିଦ୍ୟା ଯେ ପ୍ରକଟିତ ।
ନୟନ ଖୋଲିଲା ବେଳକୁ ଦେଖୁଅଛି ସେ କାଶି
ଶ୍ରୀ ବିଶ୍ୱନାଥ ମନ୍ଦିରରେ ଠିଆ ହୋଇଛି ଆସି ।
ଅନ୍ନପୂର୍ଣ୍ଣା ମାତାଙ୍କଠାରୁ ବରପ୍ରାପ୍ତ ହୋଇଣ
ଆନନ୍ଦରେ ଫେରିଗଲା ସେ ତାର ନିଜ ସଦନ ।
ସୁଲକ୍ଷଣା ଆଗେ ସମସ୍ତ କଥା ଫେଡ଼ି ବସିଲା
ଅଚଳ ଚଳ ସମ୍ପତ୍ତି ସେ ଚାହୁଁ ଚାହୁଁ ପାଇଲା ।
ଛୋଟ କୁଡ଼ିଆଟି ତାହାର ହୋଇଛି କୋଠାଘର
ମିଳିଗଲେ ଆସି ଅନେକ ସଖା ଓ ସହକାର ।
ଦେଖେଇ ଦେଖେଇ କହନ୍ତି ଏତେ ସମ୍ପତ୍ତି ଥାଇ
କି ହୋଇବ ଯେବେ କୋଳରେ ଯାର ସନ୍ତାନ ନାହିଁ ।
ମିଳିମିଶି ସର୍ବେ କରିଲେ ଆଉ ଥରେ ବିବାହ
ତେବେ ପୁତ୍ର ମୁଖ ଦେଖିବ କର ନାହିଁ ସନ୍ଦେହ ।

ଅନିଚ୍ଛା ସତ୍ୱେ ବାଧ୍ୟ ହୋଇ ଗୋଟେ ବିବାହ ହେଲା
ସୁଖ ସ୍ୱଚ୍ଛନ୍ଦରେ ସୁଖରେ ଅନେକ ଦିନ ଗଲା ।
ସପତଣୀ କ୍ଳେଶମାନଙ୍କୁ ସୁଲକ୍ଷଣା ନ ଆଣେ
ମନକୁ ନିବେଶ ଥାଏ ସେ ଅନ୍ନପୂର୍ଣ୍ଣା ଚରଣେ ।
କିଛି ଦିନ ପରେ ଆସିଲା ସେ ମାର୍ଗଶୀର ମାସ
ସୁଲକ୍ଷଣା କହେ ସ୍ୱାମୀଙ୍କୁ ହେଲା ବ୍ରତ ଦିବସ ।
ଯାହାଙ୍କ ପୂଜା ବ୍ରତ ଫଳେ ଏତେ ସୁଖ ସମ୍ପଦ
ମିଳିଲା ସେ ବ୍ରତ ପାଳିବା ଚାଲ ହୋଇ ଆନନ୍ଦ ।
ସୁଲକ୍ଷଣା ବାଣୀ ଶୁଣିଣ ଧନଞ୍ଜୟ ଯେ ଖୁସି
ନିଷ୍ଠା ଭାବେ ପତିପତ୍ନୀ ଯେ ଅନ୍ନପୂର୍ଣ୍ଣାଙ୍କ ପୂଜା
ତେଣେ ନୂଆ ବୋହୂ ଜାଣିଣ ଜଣାଇଲା କଳିଜା ।
ତିନି ଦିନ ବାକି ରହିଛି ବ୍ରତ ଉଦ୍‌ଯାପନ
ମହାକୋପରେ ନୂଆ ବୋହୂ ପୂଜା ସ୍ଥାନେ ମିଳଣ ।
ସୁଲୋଚନା ସାଥେ ଝଗଡ଼ା କରି ଧନଞ୍ଜୟକୁ
ଧରି ନେଇଗଲା ଅମାନ୍ୟ କରି ପୂଜା ବ୍ରତକୁ ।
କାଢ଼ିନେଲା ସ୍ୱାମୀ ହାତରୁ ବ୍ରତ ମଙ୍ଗଳ ସୂତ୍ର
ରାଗରେ ନିଆଁରେ ପକାଇ ସେହି ବ୍ରତ ଦେଲାତ ।
ମାତା ଅନ୍ନପୂର୍ଣ୍ଣା କୋପରେ ପ୍ରଜ୍ୱଳିତ ହୋଇଲେ
କ୍ରୋଧାଗ୍ନିରେ ଧନଞ୍ଜୟର ଭବନ ପୋଡ଼ିଦେଲେ ।
ଧନରତ୍ନ ଆଦି ସମସ୍ତ ପୋଡ଼ି ପାଉଁଶ ହେଲା
ତକ୍ଷଣେ ଦାଣ୍ଡର ଭିକାରୀ ଧନଞ୍ଜୟ ହୋଇଲା ।
ନବ ବିଭା ତାର ବୋହୂଟି ଗଲା ବାପ ଘରକୁ
କାହାକୁ କିଛି ନ କହିଣ ଚାଲିଗଲା ମନକୁ ।

— ✡ —

## ଦ୍ୱିତୀୟ ଅଧ୍ୟାୟ

(ଚଉଦ ଅକ୍ଷରୀ)

ପତିବ୍ରତା ସୁଲକ୍ଷଣୀ ସ୍ୱାମୀ ପାଶ ଯାଇ
ବୋଲେ ସ୍ୱାମୀ ମନେ କିଛି ଚିନ୍ତାକର ନାହିଁ ।
ଅଲୌକିକ ଅଟେ ଅନ୍ନପୂର୍ଣ୍ଣାଙ୍କ ମହିମା
କେ ବର୍ଣ୍ଣିବ ମୁଖେ ତାଙ୍କ କ୍ଷମାର ମହିମା ।
କାହିଁ କାହିଁ ସୁପୁତ୍ର କୁପୁତ ଯାଏ ହୋଇ
ମାତା କୁମାତା ହୁଅନ୍ତି ଦେଖିଛ କି ନାହିଁ ।
ପୁନଃରାୟ ଆରାଧନା ବୋଲି ମଥାକୁ ନୁଆଇଁ ।
ମା' ଛେଉଣ୍ଡ ପିଲାପରି ହୋଇ ଦୁଇ ପ୍ରାଣୀ
ମାତାଙ୍କ ଚରଣେ ମଥା ପିଟିଲେ ସେ କ୍ଷଣି ।
ପୁଣି ସେହି ସରୋବରେ ସୀଢ଼ି ପ୍ରକଟିତ
ଧନଞ୍ଜୟ ପାଇ ହେଲା ପୂର୍ବ ହେବ ମତ ।
ସୀଢ଼ିରୁ ଫୁଲ ପରିବା ସେ ଧନଞ୍ଜୟକୁ
ଟେକି ନେଲେ ମାତା ଆସି ଆଉ ଥରେ ତାକୁ ।
ଦେବାଙ୍ଗନାମାନେ ଖାଇବାକୁ ଗୋଡ଼ାଇଲେ
ମାତାଙ୍କ ବାରଣ ମାନି ଛାଡ଼ି ପଳାଇଲେ ।
ଧନଞ୍ଜୟ କହେ କୃତାଞ୍ଜଳି ପୁଟ ହୋଇ
ସବୁଦୋଷ କ୍ଷମା ମାତା ସୁପ୍ରସନ୍ନ ହୋଇ ।
ବୋଲଇ ଏହାକୁ ମିଳି ଦୁହେଁ ପୂଜାକର
ପୂର୍ବପରି ପରିପୂର୍ଣ୍ଣ ହେବ ତୋର ଘର ।
ସୁଲକ୍ଷଣା ଭକ୍ତିରେ ମୁଁ ହୋଇଛି ପ୍ରସନ୍ନ
ମୋ କୃପାରେ ତୋ କୋଳରେ ହୋଇବ ସନ୍ତାନ ।

ଧନଞ୍ଜୟ ଆଖି ଖୋଲି ଚାହିଁଲା ବେଳକୁ
ପୂର୍ବପରି ଦେଖେ କାଶୀ ଶ୍ରୀବିଶ୍ୱନାଥଙ୍କୁ ।
ବିଶ୍ୱନାଥଙ୍କୁ ପ୍ରଣମି ଆସିଲା ସେ ଫେରି
ଜଳି ଯାଇଥିବା ଘର ଦେଖେ ପୂର୍ବପରି ।
ଯେପରି ଆନନ୍ଦେ ଥିଲା ସେପରି ରହିଲା
ସୁଲକ୍ଷଣା ଗର୍ଭୁ ଏକ ପୁତ୍ର ଜନମିଲା ।
ଦୁହେଁ ମିଳି ଉଦ୍‌ଯାପନ ବ୍ରତ ସମାପତ
କଲେ ଗ୍ରାମବାସୀ ଦେଖି ହୋଇଲେ ବିସ୍ମିତ ।
କ୍ରମେ ଅନ୍ନପୂର୍ଣ୍ଣା ବ୍ରତ ଗ୍ରାମବାସୀଗଣ
କଲେ ଯାର ଯାହା ଇଚ୍ଛା ହୋଇଲା ପୂରଣ ।
ଗ୍ରାମବାସୀ ମିଳି ଏକ ମନ୍ଦିର ନିର୍ମାଣ
କହିଣ ଅନ୍ନପୂର୍ଣ୍ଣାଙ୍କୁ କରିଲେ ସ୍ଥାପନ ।
ଜୟ ଅନ୍ନପୂର୍ଣ୍ଣା କହିଣ ହୋମ ଯଜ୍ଞବ୍ରତ
ମନ୍ଦିରେ ଧନଞ୍ଜୟକୁ କଲେ ପୁରୋହିତ ।
ମନ୍ଦିରେ ନିକଟେ ଏକ ପ୍ରସାଦ ତୋଳିଲେ
ଧନଞ୍ଜୟକୁ ଆଚାର୍ଯ୍ୟ ରୂପେ ରଖାଇଲେ ।
ଦ୍ୱିତୀୟ ପତ୍ନୀ ତାହାର ବାପ ଘରେ ଥିଲା
ଡକାୟତଙ୍କ ଦାଉରେ ସବୁ ଚୋରି ଗଲା ।
ଭିକ୍ଷା ବୃତ୍ତି କରି ପେଟ ପୋଷିବାକୁ ସ୍ଥିର
କରୁଥିଲେ ସୁଲକ୍ଷଣା ପାଇଲା ଖବର ।
ନିଜ ପରିବାର ମଧ୍ୟେ ମିଶାଇଣ ଦେଲା
ଘରେ ସେ ବସିଣ ଆନନ୍ଦ ହୋଇଲା ।
ଅନ୍ନପୂର୍ଣ୍ଣା ମାତା ଧନଞ୍ଜୟର ଭଣ୍ଡାର
ଯେପରି ପୂର୍ଣ୍ଣ କଲେ ସେପରି ସଭିଙ୍କର ।

ପୂର୍ଣ୍ଣ କରନ୍ତୁ ମାତାଙ୍କ ପଦେ ମୋର ଅଳି
ଦିଅ ସର୍ବେ ହରିବୋଲ ଶଙ୍ଖ ହୁଳହୁଳି ।
ଯେହୁ ଅନ୍ନପୂର୍ଣ୍ଣା ବ୍ରତ କରି କରାଇବ
ବାଞ୍ଛିତ ଫଳ ସମ୍ପୂର୍ଣ୍ଣ ରୂପେ ସେ ପାଇବ ।
ଅନ୍ନପୂର୍ଣ୍ଣା ଗାଥା ହୋଇଲା ସମ୍ପୂର୍ଣ୍ଣ
ପ୍ରସାଦ ପାଇଣ ଗୃହେ କରିଲେ ଗମନ ।
ଭକ୍ତିହୀନ ଅଜ୍ଞାନ ମୁଁ ଅଟଇ ମୂଢ଼ମତି
ଅନ୍ନପୂର୍ଣ୍ଣା ମାତା ପାଦେ ମାଠର ପ୍ରଣତି ।

— ✡ —

## ଯମୁନା ମାତାଙ୍କ ବନ୍ଦନା

(କିଶୋରୀ ବଧୂର - ବଉ)

ଜୟ ମା ଯମୁନା ତୁମରି କରୁଣା
ବାରି ବିଶ୍ୱରେ ବିଖ୍ୟାତ ।
ତୋହର ନିର୍ମଳ କୁହୁ କୁହୁ ସ୍ୱନେ
ବହୁଅଛି ଅବିରତ ଗୋ ମାତ
ପ୍ରଖରଗତି ଯାହାର ସ୍ରୋତ ଗୋ ।
ତୋ କଟିନୀ ନାମ ବୃନ୍ଦାବନ ଧାମ
ରାମ କୃଷ୍ଣ କ୍ରୀଡ଼ାରତ
କରୁଥିଲେ ରହି ମୁନିଋଷି ତହିଁ
ସ୍ନାହାନେ ହୋଇ ତୃପତ ଗୋ ମାତ ।
ଅମରାସନ ହେଲେ ପ୍ରାପତ
କେ ବର୍ଣ୍ଣିବ ମହିମା ମହାତ୍ମ୍ୟ ।

ମୁହିଁ ମୂଢ଼ମତି ନ ଜାଣଇ ଭକ୍ତି
ଚରଣେ ମିନତି ମୋର
ଦୟା ବହି ମାତ କରୁଣା କିଞ୍ଚିତ
କୃପାକରି ଦାନକର ଗୋ ମାତ
ମୁଁ ଅଜ୍ଞାନ ବାଳକ ସୁତ
ନ ଜାଣଇ ତୋର ପୂଜାବ୍ରତ ।
ତୁମ ଉପାସନା ତୁମ ଆରାଧନା
କରି ପାରିବି ଯେମନ୍ତ ।
ଦୟାମୟୀ ମାତ ବାରେ ଦୟାବହି
ବତାଇ ଦିଅ ସମସ୍ତ ଗୋ ମାତ ।
ତୋର ପଦ୍ମପାଦେ ରହୁ ମୋର ଚିତ୍ତ
ପଦେ ପ୍ରାର୍ଥନା ଏତିକି ମାତ୍ର
କଳ୍ପତରୁ କରେ ପ୍ରଣିପାତ ଗୋ ମାତ ।

— ✡ —

## ନୈବେଦ୍ୟ ସମୟ ଜଣାଣ

(ଓଁ ହ୍ରୀଂ କ୍ଲୀଂ ଶ୍ରୀଂ ସନ୍ତୋଷୀମାତା ନୈବେଦ୍ୟଂ ସ୍ୱାହା) ଭୋଗ ଲଗାଅ ମୈୟାଯାଗେଶ୍ୱରୀ, ଭୋଗଲଗାଓମୈୟାଭୁବେନେଶ୍ୱରୀ ଭୋଗ ଲଗାଓ ଅନ୍ନପୂର୍ଣ୍ଣେଶ୍ୱରୀ, ମଧୁର ପଦାରଥ୍ ମନ ନା ଭାୟେ ।
ଥାଲ ସଜାହିଁ ଖଜାକ୍ଷୀର, ପ୍ରେମ ସହିକ ବିନତି କରୁ ଧୀର ।
ତୁମ ମାତା କରୁଣା ଗମ୍ଭୀର, ଭକ୍ତ ଚଣାଗୁଡ଼ ପ୍ରିୟ ପ୍ରାୟେ ।
ଶୁକ୍ରବାର ତେରେ ଦୀନୀ ପ୍ୟାରୋ, କଥା ପଦାରେ ଦୁଃଖଟାୟେ ।
ଭାବ ମୁକୁଳ ତେରେ ନ୍ୟାରୋ, ମନ ମାନେ ମୁଖ ପ୍ରଗଟାୟେ ।

(କୃଷ୍ଣଜୀବା ପାଳନ ବା କୃଷ୍ଣଙ୍କର ଝୁଲଣା ଗୀତ)

କହ୍ନେୟ ଝୁଲେ ପାନିନା ମୌ ବୋଦନ ମେ ସୁନିଆଇ
ମେ ବେଦନା ମେ ସୁନିଆଇ ସୌସୋ ସୁନିଆଇ । କହ୍ନେୟା
କାହାକେ ତେରୋ ବନ ପାଲନା କହେକ ଲାଗେ ଫଲନା ମୌ
ସୋନେକେ ମେରା ବନେ ବନେ ପାଲନୋ
ଅରୀ ସଖୀ ରେମେଶ କେ ଲଗେ ଫନ୍ଧନା ମେ
ଅରେ ଲାଲ କନ୍ଦୁ କୌନ ଭବନ ଶୁଖ ସାଲ ନମୈ
ଗୋକୁଳ ଗାଅ ମେରା ପରୋ ପାବନା
ଅରୀ ସଖୀ ଶୁନ ନନ୍ଦମହଲ ପାରେ ପାଲେନା
ଆରେ ଲାଲ ତୋହି କୌନ୍ ଝୁଲୋଓ ଦୁଲାକ୍ରମୈ
ଯହିମକି ଡାର ମୁକୁନ୍ଦ ପାଲେନା
ଅରୀ ସଖି ନନ୍ଦଲାନୀ ଜଲାଓ୍ୱେ ଝଲନ୍ ମୈ ।

-: ସମାପ୍ତ :-

odia.org

ଓଡିଆ ଘର ଏବଂ ଓଷା ଉପାସ ପରସ୍ପର ଅଙ୍ଗାଙ୍ଗୀଭାବେ ଜଡିତ । କିନ୍ତୁ ଓଡିଶା ବାହାରେ ରହୁଥିବା ଓଡିଆ ମନଙ୍କର ଓଷା ଓ ବ୍ରତ ପାଳନ କରିବାକୁ ଇଚ୍ଛା ଥିଲେହେଁ ପୁସ୍ତକର ଘୋର ଅଭାବ ଯୋଗୁଁ ଏ ସଂସ୍କୃତି ଲୁପ୍ତପ୍ରାୟ । ଏଣୁ ଏ ସମସ୍ତ ପୁସ୍ତକ ଯୋଗାଇବା ନିମନ୍ତେ ଏହା ଆମର ଏକ କ୍ଷୁଦ୍ର ପ୍ରଚେଷ୍ଟା ।

ଏଥିଯୋଗୁଁ ଓଷା ଓ ବ୍ରତ ପାଳନ କରିବାକୁ ଅନେକ ଓଡିଆ ଆଗଭର ହେବେ ଏବଂ ଆମର ସଂସ୍କୃତିର ସୁରକ୍ଷାଦିଗରେ ସତତ ଚେଷ୍ଟା କରିବେ । ଏହାହିଁ ଆମର କାମ୍ୟ ।

- ଓଡିଆ ଡଟ୍ ଅର୍ଗ ପରିବାର

